ସମୁଦ୍ର ବେଳାରେ ଦିନଟିଏ ।



ସମୁଦ୍ର ବେଳାରେ ଦିନଟିଏ

ଲେଖକ
ନବକିଶୋର ମହାପାତ୍ର

ପ୍ରଥମ ମୁଦ୍ରଣ
୧ । ୧ । ୧୯୯୬

ପ୍ରକାଶକ
ଉତ୍କଳ ସାହିତ୍ୟ ବିକାଶ
ଭାଷାକୋଷ ଲେନ୍
କଟକ - ୭୫୩୦୦୨ (ଓଡ଼ିଶା)

SAMUDRA BELARE DINATIE

Written by:
Nabakishore Mohapatra

First Edition:
1-1-1996

Publisher:
UTKAL SAHITYA BIKASH
CHHATRASATHI BHAWAN
Bhasakosh Lane
Cuttack - 753002 (Orissa)
INDIA

Digitized by srujanika@gmail.com

ପୁରୀ ସମୁଦ୍ର ବେଳା



Digitized by srujanika@gmail.com

ସହରଟି ଅତି ଛୋଟ ହେଲେ ବି ପୃଥିବୀ ପ୍ରସିଦ୍ଧ

ଛୋଟ ବଡ଼ ଅନେକ ଗୁଡ଼ିଏ ରାଜ୍ୟକୁ ନେଇ ଭାରତ ଦେଶ ଗଠିତ। ଭାରତର ପୂର୍ବ ପଟେ ଅଛି ବଙ୍ଗୋପସାଗର। ପୂର୍ବ ଭାରତରେ ଓଡ଼ିଶା ଗୋଟିଏ ରାଜ୍ୟ। ଓଡ଼ିଶାକୁ ପୂର୍ବେ କଳିଙ୍ଗ କୁହାଯାଉଥିଲା। ପରେ ଏହାକୁ ଉତ୍କଳ କୁହାଗଲା। ବର୍ତ୍ତମାନ ଏଇ ରାଜ୍ୟର ନାମ ଓଡ଼ିଶା।

ଓଡ଼ିଶା ରାଜ୍ୟର ପୂର୍ବ ସୀମାଟି ବଙ୍ଗୋପସାଗରକୁ ଲାଗିଅଛି। ଓଡ଼ିଶାରେ ବହୁତ ଗୁଡ଼ିଏ ଛୋଟବଡ଼ ସହର ଅଛି। ସମୁଦ୍ର କୂଳରେ ଅବସ୍ଥିତ ଏହି ସହରଟିର ନାମ ପୁରୀ। ପୁରୀ ସହରଟି ଛୋଟିଆ ସହରଟିଏ। ପ୍ରଭୁ ଜଗନ୍ନାଥଙ୍କର ଏଠାରେ ଗୋଟିଏ ବଡ଼ ମନ୍ଦିର ଅଛି। ତେଣୁ ଏହା ଏକ ପ୍ରସିଦ୍ଧ ସହର। ଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶର ଚାରିଆଡୁ ହିନ୍ଦୁ ଭକ୍ତମାନେ ଏଠାକୁ ଆସିଥାଆନ୍ତି।

ଏଇ ପୁରୀ ସହରଟି କେବଳ ଜଗନ୍ନାଥ ମନ୍ଦିର ପାଇଁ ପ୍ରସିଦ୍ଧ ନୁହେଁ; ପୁରୀର ସମୁଦ୍ର ବେଳାଟି ଅତି ପ୍ରଶସ୍ତ ଏବଂ ନିର୍ମଳ। ଜଳବାୟୁ ଖୁବ୍ ଭଲ। ସାରା ପୃଥିବୀ ବାସୀଙ୍କ ପାଇଁ ଏଇ ସ୍ଥାନଟି ଏକ ଭ୍ରମଣଯୋଗ୍ୟ ସ୍ଥାନ। ତେଣୁ ପୃଥିବୀର ବିଭିନ୍ନ ଦେଶରୁ ଭ୍ରମଣକାରୀମାନେ ଏଠାକୁ ଆସିଥାନ୍ତି।

ପୁରୀର ମନୋରମ ସମୁଦ୍ରବେଳା

ପୁରୀର ସମୁଦ୍ରବେଳାଟି ଅତି ମନୋରମ। ଏପରି ପ୍ରଶସ୍ତ ସମୁଦ୍ର ବେଳାଭୂମି ପୃଥିବୀରେ ବିରଳ। ପୁରୀ ସହରଟି ସମୁଦ୍ର କୂଳରେ ଥିବାରୁ ଏଠାକାର ଜଳବାୟୁ ମଧ ଭଲ। ଗରମ ଦିନେ ଖରା କାଟେନା କି ଶୀତ ଦିନେ ଶୀତ ଲାଗେନା। ଏଠାରେ ବର୍ଷସାରା ଶୀତ ଓ ଗରମ ପ୍ରାୟ ସମାନ। ଏ ସ୍ଥାନଟିର ଜଳବାୟୁ ସମଶୀତୋଷ୍ଣ ଅଟେ।

ପୁରୀର ଜଳବାୟୁ ପ୍ରତି ସମସ୍ତଙ୍କର ଆକର୍ଷଣ ରହିଛି। ତେଣୁ ଦେଶ ଏବଂ ବିଦେଶରୁ ବହୁ ପର୍ଯ୍ୟଟକ ଭ୍ରମଣ ଉଦ୍ଦେଶ୍ୟରେ ପୁରୀ ଆସି ଥାଆନ୍ତି। ବର୍ଷସାରା ପୁରୀରେ ନାନା ଦେଶରୁ ଆସିଥିବା ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ। ପୁରୀ ଛୋଟିଆ ସହଟିଏ ସତ; ମାତ୍ର ପୃଥିବୀ ପ୍ରସିଦ୍ଧ।

ଦିନକର ଘଟଣା

ଶୀତ ଦିନ। ଭାରତର ନାନା ଆଡୁ ସ୍କୁଲ ଛାତ୍ରଛାତ୍ରୀମାନେ ଭ୍ରମଣ ଉଦ୍ଦେଶ୍ୟରେ ବାହାରିଛନ୍ତି। ପହଞ୍ଚିଛନ୍ତି ଆସି ପୁରୀରେ। ପୁରୀର ସମୁଦ୍ର ବେଳାରେ ବିଭିନ୍ନ ଆଡୁ ଆସିଥିବା ଛାତ୍ରଛାତ୍ରୀଙ୍କର ସାକ୍ଷାତ ହୋଇଛି। ନିଜ ନିଜ ଭିତରେ କଥାବାର୍ତ୍ତା

Digitized by srujanika@gmail.com

ସମୁଦ୍ର ବେଳାରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଆଲୋଚନା କରୁଛନ୍ତି

Digitized by srujanika@gmail.com

ମଧ୍ୟ ହେଲେଣି । ଜଣେ ଅନ୍ୟ ଜଣଙ୍କ ବିଷୟରେ ପଚାରି ବୁଝିବାରେ ବ୍ୟସ୍ତ । ପିଲାମାନଙ୍କ ସହିତ ଆସିଥାଆନ୍ତି ସେମାନଙ୍କ ସ୍କୁଲର ଶିକ୍ଷକ ଏବଂ ଶିକ୍ଷୟତ୍ରୀମାନେ ।

ଜଣେ ଶିକ୍ଷକ ଦେଖିଲେ କେତେଜଣ ଛାତ୍ରଛାତ୍ରୀ ଏକାଠି ହୋଇ କ'ଣ କଥାବାର୍ତ୍ତା ହେଉଛନ୍ତି । ପାଖକୁ ଯାଇ ଜଣକୁ ପଚାରିଲେ – "ତୁମ ନାଁ କଅଣ ? ତୁମେ କେଉଁଠୁ ଆସିଛ ? କଅଣ ପଢୁଛ ? ତୁମର ପୂରା ପରିଚୟ କ'ଣ ?"

ମୋ ନା ରାମଚନ୍ଦ୍ର ମହାପାତ୍ର

ଉତ୍ତରରେ ଜଣେ ପିଲା କହିଲା – "ମୋ ନାଁ ଶ୍ରୀ ରାମଚନ୍ଦ୍ର ମହାପାତ୍ର । ମୋ ବାପାଙ୍କ ନାଁ ଶ୍ରୀ ପରମାନନ୍ଦ ମହାପାତ୍ର । ମୋ ମାଆଙ୍କ ନା ଶ୍ରୀମତୀ ସରସ୍ୱତୀ ଦେବୀ । ମୋ ଠିକଣା ହେଲା – ଗ୍ରାମ : ଜଗନ୍ନାଥ ପ୍ରସାଦ, ପୋଷ୍ଟ : ଆଖୁଆପଦା, ଜିଲ୍ଲା : ଭଦ୍ରକ, ରାଜ୍ୟ : ଓଡ଼ିଶା, ଦେଶ : ଭାରତ ବର୍ଷ । ମୁଁ ଆମ ଗାଁ ହାଇସ୍କୁଲରେ ସପ୍ତମ ଶ୍ରେଣୀରେ ପଢ଼େ ।" ଶିକ୍ଷକ କହିଲେ – "ସାବାସ୍ ରାମଚନ୍ଦ୍ର । ତୁମେ ପ୍ରକୃତରେ ତୁମର ସମ୍ପୂର୍ଣ୍ଣ ପରିଚୟ ଦେଇ ପାରିଛ । ସେଥିପାଇଁ ତୁମକୁ ଧନ୍ୟବାଦ ।"

ଏହାପରେ ଶିକ୍ଷକ ସେଠାରେ ଥିବା ଗୋଟିଏ ଝିଅ ପିଲାକୁ ତା'ର ସମ୍ପୂର୍ଣ୍ଣ ପରିଚୟ ଦେବାପାଇଁ କହିଲେ ।

ମୋ ନାଁ ଗୀତାରାଣୀ ଧଳ

ଉତ୍ତର : ମୋ ନାଁ ଗୀତାରାଣୀ ଧଳ । ମୋ ବାପାଙ୍କ ନାଁ ସନ୍ତୋଷ କୁମାର ଧଳ । ମାଆଙ୍କ ନାଁ ଶାନ୍ତି ଧଳ । ମୋ ଗ୍ରାମ ଓ ପୋଷ୍ଟ ଅଫିସ : କାଦୁଆପଦା, ଜିଲ୍ଲା : ଜଗତ୍‌ସିଂହପୁର, ରାଜ୍ୟ : ଓଡ଼ିଶା, ଦେଶ : ଭାରତବର୍ଷ । ମୁଁ କାଦୁଆପଡ଼ା ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢ଼େ ।

ଗୀତାରାଣୀ ଠାରୁ ତା'ର ପରିଚୟ ପାଇସାରି ଶିକ୍ଷକ ଜଣକ ଗୀତାରାଣୀକୁ ଧନ୍ୟବାଦ ଦେଲେ ଏବଂ ପାଖରେ ଠିଆ ହୋଇଥିବା ଆଉ ଜଣେ ଛାତ୍ରକୁ ତା'ର ପରିଚୟ ମାଗିଲେ ।

ମୋ ନାଁ ଫାରୁକ୍ ଅହମ୍ମଦ

ଉତ୍ତର : ସାର୍, ମୋ ନାଁ ଫାରୁକ୍ ଅହମ୍ମଦ୍ ଖାଁ । ମୋ ବାପାଙ୍କ ନାଁ ଫିରୋଜ ଅହମ୍ମଦ ଖାଁ, ମୋ ମାଆଙ୍କ ନାଁ ଫତିମା ବିବି, ମୋ ଗ୍ରାମ ଓ ପୋଷ୍ଟ ଅଫିସ- ଛତ୍ରପୁର, ଜିଲ୍ଲା : ଗଞ୍ଜାମ, ରାଜ୍ୟ : ଓଡ଼ିଶା, ଦେଶ : ଭାରତବର୍ଷ । ମୁଁ ଛତ୍ରପୁର ହାଇସ୍କୁଲରେ ୭ମ ଶ୍ରେଣୀରେ ପଢ଼େ ।

ଫାରୁକ୍‌ଠାରୁ ପରିଚୟ ଶୁଣି ସାର୍ ତାକୁ ଧନ୍ୟବାଦ ଦେଲେ । ଏହାପରେ ମୁଣ୍ଡରେ ପଗଡ଼ି ବାନ୍ଧିଥିବା ପିଲାଟିକୁ ପାଖକୁ ଡାକି ତାର ପରିଚୟ ଦେବାକୁ କହିଲେ ।

Digitized by srujanika@gmail.com

ମୋ ନା ଇକବାଲ୍ ସିଂ

ଉତ୍ତର : ସାର୍, ମୋ ନାଁ ଇକ୍‌ବାଲ୍ ସିଂ। ମୋ ବାପାଙ୍କ ନାଁ ରାଜେନ୍ଦ୍ର ସିଂ, ମାଆଙ୍କ ନାଁ ନିର୍ମଳା ସିଂ, ଘର : ପଞ୍ଜାବିବାଗ, ପୋଷ୍ଟ : ପଞ୍ଜାବିବାଗ୍, ନଗର : ନୂଆଦିଲ୍ଲୀ, ଭାରତର ରାଜଧାନୀ, ଦେଶ : ଭାରତବର୍ଷ। ମୁଁ ପଞ୍ଜାବିବାଗ୍‌ରେ ଥିବା ଇଂଲିସ୍ ମିଡିୟମ୍ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛି। ମୁଁ ମୋ ବାପାଙ୍କ ସାଙ୍ଗରେ ପୁରୀ ବୁଲିବାକୁ ଆସିଛି।

ଶିକ୍ଷକ ମହାଶୟ ଇକ୍‌ବାଲ ସିଂର କଥା ଶୁଣିଲେ। ତାକୁ ଧନ୍ୟବାଦ ଜଣାଇଲେ। ତା'ପରେ ଅନ୍ୟ ଏକ ପିଲାକୁ ଡାକି ପଚାରିଲେ – "ତୁମ ନାଁ କଅଣ ?"

ମୋ ନାଁ ଜନ୍ ସାମୁଏଲ୍

ପିଲାଟି କହିଲା- "ମୋ ନାଁ ଜନ୍ ସାମୁଏଲ୍।"

ଶିକ୍ଷକ : ତୁମର ପୂରା ପରିଚୟ କହିଲ ଦେଖି।

ଜନ୍ ସାମୁଏଲ୍ ଆରମ୍ଭ କଲା – "ମୋ ପିତାଙ୍କ ନାଁ ମିଷ୍ଟର ଜନ୍ ଷ୍ଟାଚି, ମୋ ମାତାଙ୍କ ନାଁ ଆନେ। ମୋ ଘର ଲଣ୍ଡନ୍‌ରେ। [illegible] ମୁଁ ବର୍ତ୍ତମାନ ମୋ ପିତାମାତାଙ୍କ ସହିତ କଲିକତାରେ ରହୁଛି। ମୋର ବର୍ତ୍ତମାନର ଠିକଣା ହେଲା – ୧୪୪, ଡେଲାହାଉସୀ ଷ୍ଟ୍ରିଟ, କଲିକତା- ୧। ମୁଁ ଡେଲାହାଉସୀ ସ୍କୋୟାରରେ ଥିବା ଷ୍ଟୁଆର୍ଟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢେ।"

ଶିକ୍ଷକ ପ୍ରଶ୍ନ କଲେ : ଆଚ୍ଛା ପିଲାଏ ! ତୁମମାନଙ୍କର ଘର ତ ଏକ ଜାଗାରେ ନୁହେଁ। କିନ୍ତୁ ତୁମେ ସମସ୍ତେ କିପରି ଚିହ୍ନାଚିହ୍ନ ହେଲ ? ସମସ୍ତେ କିପରି ପୁରୀର ଏ ସମୁଦ୍ରବେଳାକୁ ଆସିଲ ? କାହିଁକି ତୁମେମାନେ ଏଠାକୁ ଆସିଛ ?

ଶିକ୍ଷକଙ୍କ ପ୍ରଶ୍ନ ଶୁଣି ପ୍ରଥମେ ଜନ୍ କିଛି କହିବ ବୋଲି ହାତ ଟେକିଲା। ସାର୍‌ଙ୍କ ଠାରୁ ଅନୁମତି ପାଇ ଜନ୍ ହିନ୍ଦିରେ କହିଲା –

ଜନ୍ ସାମୁଏଲ୍ ଯା' କହିଲେ

ମହାଶୟ, ଆମ ଘର ଲଣ୍ଡନ୍‌ରେ। ମୁଁ ପିଲାଟି ଦିନରୁ ଏଇ ଭାରତରେ ରହୁଛି। ଏଇ ଜଳବାୟୁରେ ବଢୁଛି। ଏଇ ଦେଶର ଖାଦ୍ୟ ଖାଇ ବଞ୍ଚୁଛି। ଏଇଠି ଶିକ୍ଷା ଲାଭ କରୁଛି। ଭାରତର ରାଷ୍ଟ୍ରଭାଷା ହିନ୍ଦି ମଧ୍ୟ ଜାଣିଗଲିଣି। ମୋ ବାପାଙ୍କର କଲିକତା ପାଖରେ ଗୋଟିଏ ଶିଳ୍ପ କାରଖାନା ଅଛି। ତେଣୁ ମୁଁ ମୋ ବାପା ମା'ଙ୍କ ସହିତ କଲିକତାରେ ରହୁଛି। ଦୁଇଦିନ ଆଗରୁ ବାପା ମାଆଙ୍କ ସାଙ୍ଗରେ ଆସି ପୁରୀରେ ପହଞ୍ଛି।

ଏଇ ସମୁଦ୍ର ବେଳାରେ ଆମେମାନେ ବୁଲୁଥିଲୁ। ଏଇଠି ଆମ ଆମ ମଧ୍ୟରେ

Digitized by srujanika@gmail.com

ପରିଚୟ ହୋଇଗଲା। ଇକ୍‌ବାଲ୍ ସିଂକୁ ମୁଁ ଏଇଠି ଜାଣିଲି। ତାଙ୍କ ବଡ଼ ଭାଇ ଆମେରିକାରେ ଡାକ୍ତର ଅଛନ୍ତି ବୋଲି ସେ କହିଲେ।

ଗୀତାରାଣୀକୁ ବି ଏଇଠି ଚିହ୍ନିଲି। ତାଙ୍କ ବଡ଼ ଭଉଣୀ ରିତାରାଣୀ ଜଣେ ଇଞ୍ଜିନିୟରଙ୍କୁ ବାହା ହୋଇଛନ୍ତି। ଗୀତା ରାଣୀର ଭିଣୋଇ ଲଣ୍ଡନରେ ଚାକିରୀ କରିଛନ୍ତି। ତେଣୁ ରିତାରାଣୀ ଏବଂ ତାଙ୍କ ସ୍ୱାମୀ ଲଣ୍ଡନରେ ଅଛନ୍ତି। ସେଠାରେ କାଳେ ତାଙ୍କୁ ଲଣ୍ଡନବାସୀ ଖୁବ୍ ସମ୍ମାନ ଦେଉଛନ୍ତି। ଭାରତୀୟ ସଂସ୍କୃତିକୁ ଗୋରା ଲୋକମାନେ କାଳେ ଉଚ୍ଚ ପ୍ରଶଂସା କରୁଛନ୍ତି ବୋଲି ଗୀତାରାଣୀ ପାଖକୁ ତାଙ୍କ ଭଉଣୀ ଚିଠି ଲେଖିଛନ୍ତି।

ଏଇଠି ମୋ ପାଖରେ ଠିଆ ହୋଇଛନ୍ତି ରାମଚନ୍ଦ୍ର ମହାପାତ୍ର। ସେ ଅଳ୍ପ ସମୟ ଆଗରୁ ମୋ ସହିତ କଥାବାର୍ତ୍ତା ହେଉଥିଲେ। ସେ କହିଲେ ତାଙ୍କର ବଡ଼ଭାଇ ସନ୍ତୋଷ ମହାପାତ୍ର ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ୟାରିସ ଯାଇଛନ୍ତି। ପ୍ୟାରିସବାସୀଙ୍କ ବ୍ୟବହାର କାହିଁକି ତାଙ୍କୁ ଖୁବ୍ ଭଲ ଲାଗୁଛି। ତାଙ୍କର ଇଚ୍ଛା ସେ ପ୍ୟାରିସ୍‌ରେ ରହିଯିବେ। ସେଇଠି ପ୍ରଫେସର୍ ହେବେ। ପ୍ୟାରିସର ପିଲାମାନଙ୍କୁ ପାଠ ପଢାଇବେ। ସନ୍ତୋଷ ମହାପାତ୍ର ତାଙ୍କର ସାନଭାଇ ରାମଚନ୍ଦ୍ର ମହାପାତ୍ରଙ୍କ ପାଖକୁ ବରାବର ଚିଠିପତ୍ର ଦେଉଛନ୍ତି। ସେ ଚିଠିରେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଭାରତୀୟ କଳା, ସଂସ୍କୃତି ଏବଂ ଭାରତୀୟ ଲୋକଙ୍କୁ ପ୍ୟାରିସର ଲୋକେ ଉଚ୍ଚ ପ୍ରଶଂସା କରନ୍ତି ଖୁବ୍ ସମ୍ମାନ ଦିଅନ୍ତି। ସେଠାରେ ନାନା ଦେଶର ଲୋକ ଅଛନ୍ତି। ମାତ୍ର ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅତି ଆପଣାର ମନେ କରନ୍ତି। ମିଳିମିଶି ଶାନ୍ତିରେ ଚଳନ୍ତି।

ଆମେ ସମସ୍ତେ ଅଲଗା ଅଲଗା ସ୍ଥାନରୁ ଆସିଛୁଁ। ପୁରୀର ଏଇ ସମୁଦ୍ର କୂଳରେ ବୁଲିବା ସମୟରେ ଆମ ଆମ ଭିତରେ ଚିହ୍ନାଜଣା ହୋଇଗଲା। ଆମ ସମସ୍ତଙ୍କର ମାତୃଭାଷା ଅଲଗା। କିନ୍ତୁ ଭାରତର ରାଷ୍ଟ୍ରଭାଷା ହିନ୍ଦି ଆମ ସମସ୍ତଙ୍କୁ ଜଣା ଅଛି। ତେଣୁ ଆମେ ପରସ୍ପର ହିନ୍ଦିରେ କଥାବାର୍ତ୍ତା ହେଉଛୁ। ଆମେ ପ୍ରତ୍ୟେକ ପ୍ରତ୍ୟେକଙ୍କର ଠିକଣା ଟିପି ନେଲୁଣି। ଏଠୁ ଫେରିଗଲେ ଚିଠିପତ୍ର ଦିଆନିଆ ହେବୁ। ମୁଁ ବିଦେଶୀ। ମାତ୍ର ମୋତେ ଏଠି ଲୋକେ ଖୁବ୍ ଭଲ ପାଆନ୍ତି। ଆଦର କରନ୍ତି। ସବୁ କଥାରେ ସାହାଯ୍ୟ କରନ୍ତି। ମୋତେ ଭାରତୀୟ ସଂସ୍କୃତି, କଳା, ସଂଗୀତ, ନୃତ୍ୟ, ଚାଲିଚଳନ ସବୁ କିଛି ଖୁବ୍ ଭଲ ଲାଗେ।

ଏତିକି କହି ଜନ୍ ତୁନି ହୋଇଗଲା। ସାର୍ କହିଲେ ସାବାସ୍ ଜନ୍- ସାବାସ୍। ତୁମେ ଖୁବ୍ ଭଲ ପିଲା।

Digitized by srujanika@gmail.com

ଏହାପରେ ସାର୍ ଇକ୍‌ବାଲ୍‌କୁ ଲକ୍ଷ୍ୟ କରି କହିଲେ- ତୁମେ ତ ପଞ୍ଜାବୀ। ତୁମର ଶିଖ ଧର୍ମ। ପୁରୀ ହିନ୍ଦୁ ଦେବତା ଜଗନ୍ନାଥଙ୍କ ପାଇଁ ପ୍ରସିଦ୍ଧ। ତେଣୁ ହିନ୍ଦୁମାନେ ଏଠାକୁ ଆସନ୍ତି। ତୁମେ କ'ଣ ପାଇଁ ଏଠାକୁ ଆସିଛ ?

ଇକ୍‌ବାଲ୍ ସିଂ ଉତ୍ତର ଦେଲେ

ଇକ୍‌ବାଲ୍ : ସାର୍ ଏକଥା ସତ ଯେ ପୁରୀ ସହର ହିନ୍ଦୁ ଦେବତା ଜଗନ୍ନାଥ ଠାକୁରଙ୍କ ପାଇଁ ପ୍ରସିଦ୍ଧ। କିନ୍ତୁ ମୁଁ ମୋ ମାଆଙ୍କ ଠାରୁ ଆଗରୁ ଶୁଣିଥିଲି ପୁରୀର ଜଳବାୟୁ ଖୁବ୍ ଭଲ। ଏଠିକାର ସମୁଦ୍ରବେଳା ଭୂମିଟି ପୃଥିବୀ ପ୍ରସିଦ୍ଧ। ଏହି ବେଳାଭୂମିର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର। ଏତେ ବଡ଼ ଶୀତ ଦିନଟାରେ ଏଠି ଆଦୌ ଗରମ ପୋଷାକ ପିନ୍ଧିବାକୁ ପଡୁନି। ଗତବର୍ଷ ଖରାଦିନେ ବାପାଙ୍କ ସାଙ୍ଗରେ ପୁରୀ ଆସିଥିଲି। ସେତେବେଳେ ଭୀଷଣ ଗରମ ସମୟ। କିନ୍ତୁ ପୁରୀରେ ଟିକିଏ ବି ଗରମ ଲାଗୁ ନଥିଲା।

ବୋଧହୁଏ ଏଠିକାର ସମଶୀତୋଷ୍ଣ ଜଳବାୟୁ ପାଇଁ ଆମପରି ଅନ୍ୟ ଦେଶବିଦେଶର ଲୋକମାନେ ଏଠାକୁ ବୁଲିବାକୁ ଆସୁଛନ୍ତି। ଏ ବେଳାଭୂମିରେ ଆମେ ଚୀନ୍, ଜାପାନ, ଲଣ୍ଡନ, ଆମେରିକା ଆଦି ନାନା ବିଦେଶୀ ଲୋକଙ୍କୁ ଦେଖୁଛୁଁ। ସେମାନଙ୍କ ମଧ୍ୟରୁ କିଏ ବୌଦ୍ଧ କିଏ ଖ୍ରୀଷ୍ଟାନ୍; ମାତ୍ର ପୁରୀକୁ ଆସିଛନ୍ତି ପର୍ଯ୍ୟଟନରେ। ଦେଶବିଦେଶର ଲୋକଙ୍କୁ ଦେଖି ଏ ଜାଗାଟି ମୋତେ ଗୋଟିଏ ଛୋଟିଆ ପୃଥିବୀପରି ଜଣାପଡୁଛି।

ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କର ପୁଅ ଝିଅ

ହିନ୍ଦୁମାନେ ଜଗନ୍ନାଥଙ୍କୁ ମାନୁଛନ୍ତି। ଖ୍ରୀଷ୍ଟାନମାନେ ଯୀଶୁଖ୍ରୀଷ୍ଟଙ୍କୁ ମାନୁଛନ୍ତି। ଶିଖମାନେ ଗୁରୁ ନାନକଙ୍କୁ ମାନୁଛନ୍ତି। ମୁସଲମାନମାନେ ଆଲ୍ଲାଙ୍କୁ ମାନନ୍ତି। କିନ୍ତୁ ବୁଝିବାକୁ ଗଲେ ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କର ପୁଅ ଝିଅ। ଏଠିକାର ଲୋକଙ୍କ ମନରେ ଆଦୌ ଗର୍ବ ନାହିଁ। ଏମାନେ ଏତେ ସଂକୀର୍ଣ୍ଣମନା ନୁହନ୍ତି। ତା'ହୋଇଥିଲେ ତାଙ୍କ ଦେବତାଙ୍କ ନା ସେମାନେ ଜଗନ୍ନାଥ ବା ଜଗତ୍‌ବାସୀଙ୍କ ପ୍ରଭୁ ବୋଲି ରଖି ନଥାନ୍ତେ। ସତେ ଏମାନେ କେତେ ଉଚ୍ଚ ମନା ! ବାସ୍ତବରେ ଈଶ୍ୱର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସଂପ୍ରଦାୟର ନୁହନ୍ତି। କୌଣସି ଗୋଟିଏ ଦେଶବାସୀଙ୍କର ନୁହନ୍ତି। ଈଶ୍ୱର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ମଧ୍ୟ ନୁହନ୍ତି। ସେ ହେଉଛନ୍ତି ସମଗ୍ର ମାନବ ଜାତିର। ତେଣୁ ଈଶ୍ୱରଙ୍କର ପ୍ରକୃତ ନାମ ହେଉଛି ଜଗତର ନାଥ ବା ଜଗନ୍ନାଥ। ଏପରି ସାର୍ବଜନୀନ ଭାବ ମୋର ଆଜି ଆଖି ଖୋଲି ଦେଇଛି।

ଏଇ ଗୋଟିଏ ଗୋଲାକାର ପୃଥିବୀ ଉପରେ ଆମେ ସମସ୍ତେ ରହୁଛୁଁ। ଆକାଶର ସୂର୍ଯ୍ୟ ଚନ୍ଦ୍ର ଆମ ସମସ୍ତଙ୍କୁ ଆଲୋକ ଦେଉ ଅଛନ୍ତି। ପବନ ଆମ ସମସ୍ତଙ୍କୁ ଅମ୍ଳଜାନ ଯୋଗାଇ ଦେଉଛି। ଆକାଶର

Digitized by srujanika@gmail.com

ମେଘ ବର୍ଷିଲେ ପାଣି ପଡୁଛି। ସେହି ପାଣିକୁ ଆମେ ସମସ୍ତେ ପିଇ ଶୋଷ ମାରୁଛୁ। ଏଇ ମାଟି ଆମ ସମସ୍ତଙ୍କର ମାଆ। ଏଇ ମାଟି ଆମ ସମସ୍ତଙ୍କୁ ଏକା ଭଳି ଦେଖେ। ସେ ଆମକୁ ଫସଲ, ଫଳ, ମୂଳ, ଫୁଲ ଯୋଗାଇ ଦେଉଛି। ତାକୁ ଆମେ ସମସ୍ତେ ଖାଇ ବଞ୍ଚୁଛୁଁ।

ଆମ ସମସ୍ତଙ୍କ ଧର୍ମ ହେଉଛି "ମାନବ ଧର୍ମ"

ସୂର୍ଯ୍ୟ, ମାଟି, ପାଣି, ପବନ ଏବଂ ଆକାଶ– ଏମାନଙ୍କ ପାଖରେ ବାଛ ବିଚାର ନାହିଁ। ତେଣୁ କିଏ କେଉଁ ଧର୍ମ ବା ଜାତିର ହେଲେବି ଆମେ ସମସ୍ତେ ମଣିଷ। ଗୋରା, କଳା, ଜାତି-ଅଜାତି, ଧର୍ମ ଏହାକୁ ଈଶ୍ୱର କରି ନାହାନ୍ତି। ତେଣୁ ମୋ ପାଖରେ ଏସବୁ ଭେଦଭାବ ନଥାଏ। ମୁଁ ସମସ୍ତଙ୍କୁ ସେହି ଏକ ଈଶ୍ୱରଙ୍କ ପୁଅଝିଅ ବୋଲି ଭାବେ। ମୋ ବୟସର ପିଲାମାନେ ମୋର ସାଙ୍ଗ ଭାଇଭଉଣୀ ଅଟନ୍ତି। ମୋଠୁ ସାନ ମାନେ ମୋର ଛୋଟ ଭାଇଭଉଣୀ ପରି। ମୋଠୁ ବୟସରେ ଯେଉଁମାନେ ବଡ଼ ସେମାନେ ମୋର ଗୁରୁଜନ ଏବଂ ପିତାମାତାଙ୍କ ଭଳି। ଆମ ସମସ୍ତଙ୍କର ଗୋଟିଏ ଧର୍ମ। ତା ହେଉଛି 'ମାନବ ଧର୍ମ' ବା ମଣିଷ ଧର୍ମ। ମଣିଷ ମଣିଷ ଭିତରେ ବାଛବିଚାର ଯେ କରନ୍ତି ସେ କ'ଣ ମଣିଷ? ତାଙ୍କଠାରେ କ'ଣ ମଣିଷ ପଣିଆ ବା ମାନବିକତା ଅଛି?

ଏଠି କେତେ ନୂଆ କଥା ଦେଖିଲି

ସାର୍, ପୁରୀ ଆସି ମୁଁ କେତେଗୁଡ଼ିଏ ନୂଆ ଜ୍ଞାନ ଅର୍ଜନ କଲି। କାଲି ରାମଚନ୍ଦ୍ର ଏବଂ ମୁଁ ଦୁହେଁ ମିଶି ଜଗନ୍ନାଥ ମନ୍ଦିରକୁ ଯାଇଥିଲୁ। ସେଠାରେ ଥିବା ରୋଷେଇ ଶାଳଟି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି।

ଚୁଲିରେ ଜାଳ ଜଳୁଛି। ଚୁଲି ଉପରେ ଗୋଟିଏ ପାଣି ହାଣ୍ଡି ରଖାଯାଇଛି। ପାଣିହାଣ୍ଡି ଉପରେ ଅଛି ୨ ନମ୍ବର ହାଣ୍ଡି। ସେଥିରେ ଚାଉଳ ଓ ପାଣି ଦିଆଯାଇଛି। ତଳହାଣ୍ଡିର (ଏକ ନମ୍ବର) ପାଣି ଗରମ ହୋଇ ୨ ନମ୍ବର ହାଣ୍ଡିକୁ ତତାଇ ଦେଉଛି। ସେଇ ତାତିରେ ଭାତ ରାନ୍ଧି ହୋଇଯାଉଛି। ୨ ନମ୍ବର ହାଣ୍ଡି ଉପରେ ରହିଛି ୩ ନମ୍ବର ହାଣ୍ଡି। ସେଥିରେ ଡାଲି ଓ ପାଣି ରଖାଯାଇଛି। ୨ ନମ୍ବର ହାଣ୍ଡିର ଗରମଟା ୩ ନମ୍ବର ହାଣ୍ଡିକୁ ତତାଇ ଦେଉଛି। ଫଳରେ ୩ ନମ୍ବର ହାଣ୍ଡିରେ ଥିବା ଡାଲି ସିଝି ଯାଉଛି। ୩ ନମ୍ବର ହାଣ୍ଡି ଉପରେ ରହିଛି ୪ ନମ୍ବର ହାଣ୍ଡି। ୪ ନମ୍ବର ହାଣ୍ଡିରେ ରଖାଯାଇଛି ପନିପରିବା ଓ ପାଣି ମସଲା। ୩ ନମ୍ବର ହାଣ୍ଡିର ଗରମ ତା ଉପରେ ରହିଥିବା ୪ ନମ୍ବର ହାଣ୍ଡିକୁ ତତାଇ ଦେଉଛି। ସେଇ ତାତିରେ

Digitized by srujanika@gmail.com



Digitized by srujanika@gmail.com

୪ ନମ୍ବର ହାଣ୍ଡିର ପନିପରିବା ସିଝି ଯାଇ ତରକାରୀ ହୋଇଯାଉଛି। ତା ଉପରେ ଅଛି ୫ ନମ୍ବର ହାଣ୍ଡି। ୫ ନମ୍ବର ହାଣ୍ଡିରେ ଖଟା ଓ ପାଣି ଦିଆଯାଇଛି। ୪ ନମ୍ବର ହାଣ୍ଡିର ଗରମ ୫ ନମ୍ବର ହାଣ୍ଡିକୁ ତତାଇ ଦେଉଛି। ତେଣୁ ଖଟା ଓ ପାଣି ସିଝି ଚାଟଣୀ ହୋଇଯାଉଛି।

ଏଠି ବାଷ୍ପରେ ରୋଷେଇ ହେଉଛି

ଗୋଟିଏ ଚୁଲି ଜଳୁଛି। ହାଣ୍ଡି ଉପରେ ହାଣ୍ଡି, ତା'ଉପରେ ହାଣ୍ଡି ସବୁ ସେହି ଗୋଟିଏ ଚୁଲିରେ ରହିଛି। ଗରମ ତାତି ତଳହାଣ୍ଡିରୁ ଉପରହାଣ୍ଡିକୁ ଚାଲିଯାଉଛି। ସେହି ତାତିରେ ପ୍ରତି ହାଣ୍ଡି ଭିତରେ ବାଷ୍ପ ସୃଷ୍ଟି ହେଉଛି। ସେହି ବାଷ୍ପରେ ଏକ ସଙ୍ଗେ ଭାତ, ଡାଲି, ତରକାରୀ, ଶାଗ, ଖଟା ସିଝି ଯାଉଛି।

ଜ୍ଞାନ, ବିଜ୍ଞାନ ପାଖରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ସ୍ଥାନ ନାହିଁ

ବାଷ୍ପରେ ରୋଷେଇ କରାଯିବା ଆଜିକାଲି ତ ଗୋଟାଏ ସାଧାରଣ ତଥ୍ୟ ହୋଇଗଲାଣି। ଆମ ଘରମାନଙ୍କରେ ପ୍ରେସର କୁକର୍‌ରେ ରନ୍ଧାଯାଉଛି। ଗରମ ପାଇଲେ ପ୍ରେସର୍ କୁକର୍ ଭିତରେ ଥିବା ପାଣି ବାଷ୍ପ ହୋଇଯାଉଛି। ସେହି ଗରମ ବାଷ୍ପରେ ସବୁ ସିଝି ପାରୁଛି। ଏପରି ରୋଷେଇରେ କମ୍ ଜାଳେଣି ଖର୍ଚ୍ଚ ହେଉଛି। ଅତି ଅଳ୍ପ ସମୟରେ ଖାଦ୍ୟପଦାର୍ଥ ପ୍ରସ୍ତୁତ ହୋଇପାରୁଛି। ଏହା ଏକ ବିଜ୍ଞାନ। ତେଣୁ ଆଜି ସାରା ପୃଥିବୀବାସୀ ଏହାକୁ ଗ୍ରହଣ କରିଅଛନ୍ତି। ବିଜ୍ଞାନର ଉପାଦେୟତା ପାଖରେ ଜାତି, ଧର୍ମ, ସମ୍ପ୍ରଦାୟ ବା ଦେଶ, ବିଦେଶ ଭେଦଭାବ ନାହିଁ। ପେନସିଲ, ବଲ୍‌ପେନ୍, ଫାଉଣ୍ଟେନ୍ ପେନ୍‌ର ଆବିଷ୍କାରକ ଜଣେ ଜଣେ ବିଦେଶୀ ଲୋକ। କିନ୍ତୁ ସାରା ପୃଥିବୀବାସୀ ତାକୁ ବ୍ୟବହାର କରୁଅଛନ୍ତି। ଏବେ ଛାତ୍ରଛାତ୍ରୀ ଏବଂ ବଡ଼ ମଣିଷ ମାନେ ପେଣ୍ଟସାର୍ଟ ପିନ୍ଧୁଛନ୍ତି। ଏହି ପେଣ୍ଟସାର୍ଟ ପିନ୍ଧି ସବୁପ୍ରକାର କାମଧନ୍ଦା କରିବା ସହଜ ହେଉଛି। ତେଣୁ ଆମ ଦେଶର ବହୁ ଲୋକ ଲୁଗା ନପିନ୍ଧି ପେଣ୍ଟସାର୍ଟ ପିନ୍ଧନ୍ତି। ଏହା ପାଶ୍ଚାତ୍ୟ ଦେଶରୁ ଆସି ଆମ ଦେଶର ଘରେ ଘରେ ପ୍ରବେଶ କରିଛି। ବ୍ୟବହାରର ସୁବିଧା ଦୃଷ୍ଟିରୁ ପେଣ୍ଟସାର୍ଟ ପିନ୍ଧାଯାଉଛି। ବିଦେଶୀ ପରିଧାନ ହେଲେ ମଧ୍ୟ ସ୍ୱଦେଶୀ ପରିଧାନକୁ ଛାଡ଼ି ତାକୁ ଗ୍ରହଣ କରିଛୁଁ।

ଇଂରାଜି ଆମର ମାତୃଭାଷା ନୁହେଁ। କିନ୍ତୁ ଇଂରାଜି ପଢିଲେ ଆମେ ପୃଥିବୀର ବହୁ ଦେଶର ଲୋକଙ୍କ ସହିତ ସମ୍ପର୍କ ରକ୍ଷା କରିପାରିବୁ। ତେଣୁ ଇଂରାଜି ପଢୁଛୁଁ। ସେହିପରି ଆମ ଦେଶର ରାଷ୍ଟ୍ରଭାଷା ହିନ୍ଦିକୁ ମଧ୍ୟ ଅନ୍ୟାନ୍ୟ ଦେଶର ଲୋକେ ପଢୁଅଛନ୍ତି।

Digitized by srujanika@gmail.com

ଆଳୁ, ଟମାଟୋ ଆମ ଦେଶରେ ହେଉ ନଥିଲା। ଅଙ୍ଗୁର ଆମ ଏଠି ଫଳୁ ନଥିଲା। ଏବେ ଆମ ଦେଶର ପ୍ରଧାନ ଫସଲ ହେଉଛି ଆଳୁ, ଟମାଟୋ। ଏହା ବିଦେଶୀ ଫସଲ ହେଲେ ବି ଆମେ ତାକୁ ନିଜର କରି ନେଇଛୁଁ।

ଏପରି ବହୁତ କିଛି ଅଛି। ମଣିଷ ତାର ସୁବିଧା ଦୃଷ୍ଟିରୁ ସବୁକଥା ଗ୍ରହଣ କରେ ଓ ଅସୁବିଧା ହେଲେ ପରିତ୍ୟାଗ କରେ। ଏଠାରେ ଜାତି, ଧର୍ମ, ବର୍ଣ୍ଣ ଦେଶ-ବିଦେଶ, ପର-ଆପଣା କଥା ବିଚାର କରା ଯାଏନା।

ଇକ୍‌ବାଲ୍‌ର କଥାଟି ସମସ୍ତଙ୍କ ମନକୁ ପାଇଗଲା। ସମସ୍ତେ ତାକୁ ସାବାସ୍ ସାବାସ୍, ଧନ୍ୟବାଦ ବୋଲି କହିଲେ।

ସାର୍ କହିଲେ– ଇକ୍‌ବାଲ୍ ତୁମେ ଏଇ ବାଷ୍ପରନ୍ଧା କୌଶଳଟିକୁ ଠିକ୍ ବୁଝିଛ ଓ ବୁଝାଇ ପାରିଛ। ପ୍ରକୃତରେ ହଜାର ହଜାର ବର୍ଷ ଆଗରୁ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ସେଇ ବାଷ୍ପରନ୍ଧା କୌଶଳଟି ପୃଥିବୀର ସମସ୍ତଙ୍କୁ ଆକର୍ଷିତ କରିପାରିଛି। ପୁରୀ ରୋଷେଇ ଶାଳର ବାଷ୍ପରନ୍ଧା ବିଜ୍ଞାନଟି ଯାଇ ସମସ୍ତଙ୍କ ରନ୍ଧା ଘରେ ପ୍ରେସର୍ କୁକର୍ ରୂପରେ ପହଞ୍ଚି ଗଲାଣି।

ଆଚ୍ଛା ଇକ୍‌ବାଲ୍, ତୁମେ ମନ୍ଦିରରେ ଆଉ କଅଣ ଭଲ କଥା ଦେଖିଲ?

ଆନନ୍ଦବଜାର : ଏଠି ଜାତିଭେଦ ନାହିଁ

ଇକ୍‌ବାଲ୍ କହିଲା– ଏହାପରେ ଆମେ ଗଲୁ ଆନନ୍ଦ ବଜାରକୁ। ମନ୍ଦିର ବେଢ଼ା ଭିତରେ ଆନନ୍ଦ ବଜାର। ଆନନ୍ଦ ବଜାରଟି ପ୍ରକୃତରେ ଗୋଟିଏ ବଡ଼ ଖାଇବା ଘର। ଏଠି ସମସ୍ତେ ନିଜେ ନିଜେ ପ୍ରସାଦ ନେଇ ଖାଆନ୍ତି। କେହି କାହାରିକୁ ପରଶନ୍ତି ନାହିଁ ବା ବାଢି କରି ଦିଅନ୍ତି ନାହିଁ। ତେଣୁ ଜଗନ୍ନାଥଙ୍କ ପ୍ରସାଦକୁ କୁହାଯାଏ 'ଅବଢ଼ା'। ଯାହାକୁ କେହି ବାଢନ୍ତି ନାହିଁ କି ପରଷନ୍ତି ନାହିଁ। ପ୍ରତ୍ୟେକ ନିଜେ ନିଜେ ନେଇ ଖାଆନ୍ତି। ଏହା ଫଳରେ ଯାହାକୁ ଯେଉଁ ଜିନିଷଟି ଭଲ ଲାଗିଲା, ସେ ତା'ଇଚ୍ଛା ଅନୁସାରେ ନେଇ ଥାଏ। ନିଜେ ନିଜେ ନେଇ ଖାଇଲେ ମନବୋଧ ହୋଇଯାଏ।

ଆଚ୍ଛା, ମନ୍ଦିର ଭିତରେ ଆଉ କଅଣ ଦେଖିଲ? ସାର ପଚାରିଲେ। ଜଗନ୍ନାଥଙ୍କ ମନ୍ଦିର ଭିତରକୁ ସବୁ ଜାତିର ଲୋକ ଯାଆନ୍ତି। ଆନନ୍ଦବଜାରରେ ସମସ୍ତେ ବସି ଖାଆନ୍ତି। ଏଠି ଜାତିଭେଦ ନାହିଁ। କେବଳ ପବିତ୍ର ବା ସଫାସୁତରା ହୋଇ ମନ୍ଦିର ଭିତରକୁ ଯିବାକୁ ହୁଏ।

ପ୍ରାର୍ଥନା ସ୍ଥଳି : ମନ୍ଦିର, ଗୀର୍ଜା, ମସ୍‌ଜିଦ୍, ଗୁରୁଦ୍ୱାର

ମୋର ଗୋଟିଏ ମୁସଲମାନ ସାଙ୍ଗ ଅଛି। ତା' ନା ଫାରୁକ୍। ଥରେ ଆମେ

Digitized by srujanika@gmail.com

ବିଭିନ୍ନ ଧର୍ମର ପ୍ରାର୍ଥନାସ୍ଥଳୀ



(ମନ୍ଦିର)

(ମସ୍‌ଜିଦ୍)



(ଗିର୍ଜା)



(ଗୁରୁଦ୍ୱାର)

Digitized by srujanika@gmail.com

ଦୁହେଁ ମିଶି ମସ୍‌ଜିଦ୍ ଭିତରକୁ ଗଲୁ। ମସ୍‌ଜିଦ୍ ହେଉଛି ମୁସଲମାନ ମାନଙ୍କର ପ୍ରାର୍ଥନା କରିବାର ସ୍ଥାନ। ସେହି ପ୍ରାର୍ଥନା ସ୍ଥଳିକୁ ଯିବାରେ ଆମକୁ କେହି ବାରଣ କଲେ ନାହିଁ। ଥରେ ଆମେ ଆମ ଶିଖମାନଙ୍କର ପ୍ରାର୍ଥନାସ୍ଥଳୀ ଗୁରୁଦ୍ୱାରକୁ ଗଲୁ। ସେଠାରେ ମଧ୍ୟ କୌଣସି ବାରଣ ନାହିଁ। କିନ୍ତୁ ସବୁଠିକି ସଫାସୁତରା ହୋଇ ପ୍ରବେଶ କରିବାର ନିୟମ ଅଛି।

ଗୀର୍ଜା, ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ଏ ଗୁଡ଼ିକ ବିଭିନ୍ନ ଧର୍ମର ଲୋକଙ୍କ ପ୍ରାର୍ଥନା ସ୍ଥଳ। ତା' ଭିତରକୁ ସମସ୍ତେ ଯାଇ ପାରିବେ। କିନ୍ତୁ ଯିବା ଆଗରୁ ଯୋତା ଓହ୍ଲାଇ, ଗୋଡ଼ ଧୋଇବାକୁ ପଡିବ। ସେଠାରେ ଧ୍ୟାନ କରାଯାଏ। ପ୍ରାର୍ଥନା କରାଯାଏ। ଧ୍ୟାନ ଓ ପ୍ରାର୍ଥନା କଲେ ମନରେ ଏକାଗ୍ରତା ଆସେ। ମନ ସ୍ଥିର ହୁଏ। ତେଣୁ ଜାତି, ଧର୍ମ, ବର୍ଣ୍ଣ ଓ ସବୁ ସମ୍ପ୍ରଦାୟର ଲୋକେ ମନରେ ଏକାଗ୍ରତା ଆଣିବା ପାଇଁ ପ୍ରାର୍ଥନା କରନ୍ତି। ସବୁ ଧର୍ମର ଈଶ୍ୱର ଏକ। ପ୍ରତି ଧର୍ମର ଧ୍ୟାନ, ପ୍ରାର୍ଥନାର ଉଦ୍ଦେଶ୍ୟ ଏକ। କେବଳ ଧ୍ୟାନ ଓ ପ୍ରାର୍ଥନାର ଢଙ୍ଗରେ ସାମାନ୍ୟ ଫରକ ଥାଏ। ଏତିକି କହି ଇକ୍‌ବାଲ୍ ବସି ପଡିଲା।

ଗୀତାରାଣୀଙ୍କୁ ପଚରାଗଲା

ସାର୍ ଗୀତାକୁ ଲକ୍ଷ୍ୟ କରି କହିଲେ– ଗୀତାରାଣୀ ! ତୁମେ ପୁରୀ ଆସିଲ। ସମୁଦ୍ର ବେଳାରେ ବୁଲିଲ। ମନ୍ଦିରକୁ ଗଲ। ଏଠାରେ ନାନା ଆଡୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଦେଖିଲ। ଦେଶ ବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଦେଖିଲ। ବହୁ ଦେଶ ବିଦେଶର ଛାତ୍ରଛାତ୍ରୀଙ୍କ ସହିତ ମିଶିଲ। ଘରକୁ ଫେରିଗଲେ ତୁମ ବାପା ମା ଯଦି ପଚାରନ୍ତି ତେବେ ତୁମେ ତାଙ୍କୁ କ'ଣ କହିବ ?

ଆମେ ସମସ୍ତେ ଗୋଟିଏ କୁଟୁମ୍ବର

ଉତ୍ତରରେ ଗୀତାରାଣୀ କହିଲା, ସାର ! ମୁଁ ମୋ ଗାଁ ସ୍କୁଲରେ ପଢ଼େ। ଆମ ଘର ପାଖରୁ ଅଳ୍ପ ଦୂରରେ ଜଗତ୍‌ସିଂହପୁର ସହର। ସେଠାରେ ଏଇ ଶୀତ ଦିନେ ମକର ଯାତ୍ରା ହୁଏ। ମୁଁ ମାତ୍ର ଦୁଇଥର ମକର ଯାତରା ଦେଖିବାକୁ ଆସିଛି। କିନ୍ତୁ ଏଥର ଆମେ ସ୍କୁଲ ଛାତ୍ରଛାତ୍ରୀମାନେ ୨ଟା ବସ୍‌ରେ ପୁରୀ ବୁଲିବାକୁ ଆସିଛୁଁ।

ପୁରୀ ଆସିବା ଆଗରୁ ମୋର ଧାରଣା ହେଉଥିଲା– ପୁରୀ ସହରଟା ଠିକ୍ ଆମ ଜଗତ୍‌ସିଂହପୁର ସହର ପରି ହୋଇଥିବ। ମାତ୍ର ସେ ଧାରଣା ମୋର ଦୂର ହୋଇଯାଇଛି। ଆମେ ଆସିବାବେଳେ ଭୁବନେଶ୍ୱର ଦେଇ ଆସିଲୁ। ଭୁବନେଶ୍ୱର ସହରଟି ପୁରୀ ସହରଠାରୁ ବଡ଼। ସେ ହେଉଛି ଆମ ରାଜ୍ୟର ରାଜଧାନୀ। ସେଠାରେ ବହୁତ ସରକାରୀ ଅଫିସ ଓ ବେସରକାରୀ ଅଫିସ ଅଛି। କିନ୍ତୁ ପୁରୁଣା

Digitized by srujanika@gmail.com

ଭୁବନେଶ୍ୱରରେ ଶହଶହ ମନ୍ଦିର ରହିଛି। ଲିଙ୍ଗରାଜ ମନ୍ଦିର ପାଇଁ ଭୁବନେଶ୍ୱର ପ୍ରସିଦ୍ଧ। ପୁରୀ ଜଗନ୍ନାଥ ମନ୍ଦିର ପାଇଁ ପ୍ରସିଦ୍ଧ। ଏହା ବ୍ୟତୀତ ପୁରୀର ଏଇ ସମୁଦ୍ର ବେଳାଟି ବୋଧହୁଏ ପୃଥିବୀ ପ୍ରସିଦ୍ଧ। ତା ନ ହୋଇଥିଲେ ଦେଶ ଓ ବିଦେଶରୁ ଲୋକେ ଏଠାକୁ ଆସୁ ଥାଆନ୍ତେ କାହିଁକି ଥାଆନ୍ତେ ?

ସମୁଦ୍ର କୂଳରେ ନାନା ଆଡର ଲୋକଙ୍କୁ ଦେଖି ମୋ ମନଟା କୁଣ୍ଢେ ମୋଟ ହୋଇଯାଉଛି। ମୁଁ ଘର କଥା ଭୁଲି ଯାଉଛି। ସମସ୍ତଙ୍କର ଜାତି ଅଲଗା। ଭାଷା ଅଲଗା, ଧର୍ମ ଅଲଗା। ସମସ୍ତଙ୍କର ଘରଦ୍ୱାର ମଧ୍ୟ ଅଲଗା ଜାଗାରେ। କିନ୍ତୁ ଏଠି ମୁଁ ଅନୁଭବ କରୁଛି ଆମେ ସମସ୍ତେ ଯେପରି ଗୋଟିଏ କୁଟୁମ୍ବର ଲୋକ। ପରସ୍ପର ପ୍ରତି ଆନ୍ତରିକତା ରହିଛି। ପ୍ରତ୍ୟେକଙ୍କର ପ୍ରତ୍ୟେକଙ୍କ ପ୍ରତି ସ୍ନେହ, ସଦ୍‌ଭାବ, ଦୟା, କ୍ଷମା ଭାବ ଆପେ ଆପେ ଆସି ଯାଉଛି। ଆମେମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହେଉଛୁଁ। ଆମେ ପ୍ରତ୍ୟେକ ଅଲଗା ଅଲଗା ମୁଲକର ଲୋକ। ଆମ ପ୍ରତ୍ୟେକଙ୍କର ଚାଲିଚଳନ, ଢଙ୍ଗରଙ୍ଗ, ବେଶଭୂଷା ଓ ସଂସ୍କୃତି ଅଲଗା। କିନ୍ତୁ ଆମେ ପରସ୍ପରକୁ ସମ୍ମାନ ଦେଉଛୁଁ। ତାଙ୍କଠାରୁ ଆମେ କିଛି ନୂଆ କଥା ଶିଖୁଛୁ। ସେମାନେ ମଧ୍ୟ ଆମଠୁ ଶିଖୁଛନ୍ତି। ପରସ୍ପର ମଧ୍ୟରେ ଭଲ ବୁଝାମଣା ପ୍ରତିଷ୍ଠା ହୋଇପାରିଛି।

ମୋର ଧାରଣା ଥିଲା କେବଳ ଆମ ଗାଁ ଲୋକମାନେ ଭଲ। ବାହାର ଲୋକମାନେ ଖରାପ, କିନ୍ତୁ ସାର୍, ସେସବୁ ଧାରଣା ମୋର ଏବେ ଦୂର ହୋଇଯାଇଛି। କିଏ ନିଜ ଆଉ କିଏ ପର ତା ମୁଁ ଜମା ଅନୁଭବ କରିପାରୁନି। ସମସ୍ତେ ମୋ ନିଜର ଭାଇଭଉଣୀ ଏବଂ ଗୁରୁଜନ ବୋଲି ଅନୁଭବ କରୁଛି।

ଏଇ ଦେଖୁ ନାହାନ୍ତି; କିଛି ସମୟ ଆଗରୁ ମୁଁ ସମୁଦ୍ର ବାଲିରେ ଦୌଡୁଥିଲି। ପଡିଯିବାରୁ ଶାମୁକା ଟୁକୁରାଟିଏ ବାଜି ଆଣ୍ଠୁ ଖଣ୍ଡିଆ ହୋଇଗଲା, ରକ୍ତ ବାହାରିଲା। ଏକଥା ସେଇ ସାଇବ ପିଲାଟି ଦେଖିବା ମାତ୍ରେ ମୋତେ ହାତ ଧରି ଉଠାଇ ଠିଆ କଲା। ତାଙ୍କ ମାଡାମଙ୍କୁ ଡାକ ପକାଇଲା। ସଙ୍ଗେ ସଙ୍ଗେ ମାଡାମ ଆସି ତାଙ୍କ ବ୍ୟାଗରୁ ଔଷଧ କାଢ଼ି ଲଗାଇ ଦେଲେ। ବ୍ୟାଣ୍ଡେଜ୍ ବାନ୍ଧି ଦେଲେ। ରକ୍ତ ବନ୍ଦ ହୋଇଗଲା। ମୁଁ ମନେ ମନେ ଭାବିଲି ସତେ ଯେପରି ମାଡାମ ମୋର ମା। ସେ ମୋତେ କେତେ ସ୍ନେହ କଲେ। ମୋ ଆଖିର ଲୁହ ତାଙ୍କ ରୁମାଲରେ ପୋଛି ଦେଲେ। କହିଲେ କାନ୍ଦନା– ଖୁବ୍ ଶୀଘ୍ର ଭଲ ହୋଇଯିବ।

ସେତେବେଳେ ଆମ ସ୍କୁଲ ସାଙ୍ଗଙ୍କ କଥା ମନେ ପଡିଲା। ଆମେ ବେଳେବେଳେ ଛୋଟିଆ କଥାରେ ନିଜ ନିଜ ଭିତରେ

Digitized by srujanika@gmail.com

କେତେ କଲି କରୁ । ମନରେ କେତେ ରାଗ ଆସେ । କିନ୍ତୁ ଆଜି ସେହି ମାଡାମଙ୍କର ସ୍ନେହ ଏବଂ ସେଇ ଗୋରା ପିଲାଟିର ସାହାଯ୍ୟ ଦେଖି ତାଙ୍କଠୁ ବହୁତ କଥା ଶିଖିଲି । ଜଣେ ବିପଦରେ ପଡିଥିଲେ ତାଙ୍କୁ ସାହାଯ୍ୟ କରିବା ଶିଖିଲି । ଜୀବନରେ କେବେହେଲେ ତା' ଭୁଲିବି ନାହିଁ । ସବୁବେଳେ ବିପଦରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବି ।

ଗତ ଦୁଇଦିନ ହେଲା ଆମେ ଘରୁ ବାହାରି ଦୁଇଟା ବସ୍‌ରେ ସାର୍, ମାଡାମ ଏବଂ ଛାତ୍ରଛାତ୍ରୀ ମିଳିମିଶି ପୁରୀ ଆସିଛୁଁ । ମିଳିମିଶି ଚଳୁଛୁଁ । କାହାରି କୌଣସି ଅସୁବିଧା ଯେପରି ନହୁଏ ସେଥିପ୍ରତି ପ୍ରତ୍ୟେକ ପ୍ରତ୍ୟେକଙ୍କର ଧ୍ୟାନ ରଖିଛୁଁ । ନିଜକୁ ଟିକିଏ କଷ୍ଟ ହେଲେ ବି ତା ସହି ନେଇ ଯେପରି ଅନ୍ୟ ପିଲାର ଅସୁବିଧା ନହୁଏ ସେଥିପ୍ରତି ଆମେ ଦୃଷ୍ଟି ଦେଉଛୁ । କାହା ମନରେ କଷ୍ଟ ହେବାଭଳି ବ୍ୟବହାର କେହି କରୁନାହାନ୍ତି । ଖୁବ୍ ଶାନ୍ତିରେ ଅଛୁଁ ।

ଆମେ ଅନ୍ୟ ଲୋକଙ୍କୁ ମଧ୍ୟ ଖାତିର ଦେଖାଉ ଅଛୁଁ । କିଏ ପାଖ ଲୋକ କିଏ କି ଜାତି ବା ଧର୍ମର ଲୋକ, ତା'ପୂରାପୁରି ଭୁଲି ଯାଇଛୁଁ । ସମସ୍ତେ ଗୋଟିଏ କୁଟୁମ୍ବର ଲୋକ ପରି ମୋତେ ଜଣାପଡୁଛି । ଅନ୍ୟ ରାଜ୍ୟରୁ ଆସିଥିବା ପିଲାମାନେ ମୋତେ ତାଙ୍କର ନିଜ ଭଉଣୀ ପରି ସ୍ନେହ କରୁଛନ୍ତି । ତାଙ୍କୁ ନେଇ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମୋତେ ତାଙ୍କର ନିଜ ଝିଅ ପରି ଶ୍ରଦ୍ଧା କରୁଛନ୍ତି । ମିଠା କଥା କହୁଛନ୍ତି । ସେହିପରି ଆମେ ସମସ୍ତେ ଅନ୍ୟ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନିଜର ସାଙ୍ଗସାଥି ଓ ଭାଇଭଉଣୀ ପରି ଭଲ ପାଉଛୁଁ । ଏତିକି କହିସାରି ଗୀତାରାଣୀ ବସି ପଡ଼ିଲା ।

ସାର କହିଲେ– ଫାରୁକ୍ ! ତୁମେ ତ ଓଡ଼ିଶା ରାଜ୍ୟର ପିଲା । ତୁମେ ଶୀତ ଛୁଟିରେ ପୁରୀ ବୁଲିବାକୁ ଆସିଛ । ତୁମେ ଏଠାରେ ବାହାର ପିଲାମାନଙ୍କ ସାଙ୍ଗରେ ମିଶିଲ । ଏମାନଙ୍କ ସହିତ ମିଶି ତୁମକୁ କିପରି ଲାଗିଲା ? ତୁମେ ଏଠୁ କ'ଣ ଶିଖିଲ ?

ମୁଁ ପ୍ରଚଣ୍ଡ ରାଗୀ କିନ୍ତୁ ଏବେ ସଂଯତ ହୋଇଯାଇଛି

ଉତ୍ତରରେ ଫାରୁକ୍ କହିଲା– ସାର୍, ମୋ ଶ୍ରେଣୀର ପିଲାମାନେ ମୋତେ ଭାରୀ ରାଗି ପିଲା ବୋଲି କହନ୍ତି । ମୁଁ କାଳେ ଟିକିଏ ଟିକିଏ କଥାରେ ରାଗିଯାଏ । ରାଗିଯାଇ ବେଳେ ବେଳେ ସାଙ୍ଗମାନଙ୍କ ସହିତ ଅପଢ଼ ହୋଇଯାଏ । କିଛି ଦିନ ପାଇଁ କଥାବାର୍ତ୍ତା ମଧ୍ୟ ହୁଏନା ।

ମୁଁ ଏଇ ବୁଲିବା ଭିତରେ ଦୂରଦୂରାନ୍ତରୁ ଆସିଥିବା ବହୁତ ପିଲାଙ୍କ ସହିତ ମିଶିବାର ସୁଯୋଗ ପାଇଲି । କଲିକତାରୁ ସରିଫ, ଅଙ୍କୁର ଦୁଇଟି ପିଲା ପୁରୀ ଆସିଛନ୍ତି ।

Digitized by srujanika@gmail.com

ସେମାନଙ୍କ ମଧ୍ୟରେ ଏଇ ସମୁଦ୍ର ବାଲିରେ ଟିକିଏ ଝଗଡ଼ା ଲାଗିଗଲା । ଏକଥା ଦେଖି ତାଙ୍କ ମାଡାମ ଧାଇଁ ଆସି ଉଭୟଙ୍କୁ ବୁଝାଇଲେ । ମାଡାମ୍ କହିଲେ ଏ ସରିଫ୍ ଏ ଅଙ୍କୁର ତୁମେ ଦୁହେଁ କାହିଁକି ନିଜ ନିଜ ଭିତରେ କଳି କରୁଛ ? ଯଦି ଜଣକର ଭୁଲ ହୋଇଗଲା ତେବେ ତା' ସହିତ ଝଗଡ଼ା ନକରି, ତା'ଭୁଲଟା କେଉଁଠି ରହିଗଲା ତାକୁ ବୁଝାଇ ଦେଲେ ତ ସେ ବୁଝି ଯାଇଥାନ୍ତା । ତା' ନକରି କଳି କରୁଛ କାହିଁକି ? ମାଡାମଙ୍କର ଏଇ କଥା ଶୁଣି ପ୍ରଥମେ ସରିଫ୍ ଯାଇ ଅଙ୍କୁରର ହାତକୁ ଧରି କହିଲା– ହେ ଅଙ୍କୁର ଭାଇ ! ମୋର ଭୁଲ ହୋଇଯାଇଛି । ମୋତେ କ୍ଷମା କରିଦେ । ସଙ୍ଗେ ସଙ୍ଗେ ଅଙ୍କୁର ଆଖିରୁ ସ୍ନେହଭରା ଲୁହ ବୋହିଗଲା । ସେ ମଧ୍ୟ ସରିଫ୍‌କୁ ନିଜର ରାଗି ଯିବା ଲାଗି ଭୁଲ ମାଗିଲା । ତା'ପରେ ଉଭୟେ ଉଭୟଙ୍କୁ କୁଣ୍ଢାଇ ପକାଇଲେ । କୋଳାକୋଳି ହେଲେ । ନିଜନିଜ ଭିତରେ ଥିବା ସମସ୍ତ ଝଗଡ଼ା ତୁଟିଗଲା । ପଛ କଥା ସମସ୍ତେ ଭୁଲିଗଲେ । ଏବେ ସେମାନେ ଖୁବ୍ ସାଙ୍ଗ ହୋଇଗଲେଣି । ହାତ ଧରାଧରି ହୋଇ ବୁଲୁଛନ୍ତି ।

ଆଚ୍ଛା ଫାରୁକ୍, ତୁମେ ତା ହେଲେ ସେମାନଙ୍କଠାରୁ କ'ଣ ଶିଖିଲ ?

ସାର୍, ମୁଁ ତ ଆଗରୁ କହିଛି ମୁଁ ଟିକିଏ ବଦରାଗୀ । କିନ୍ତୁ ଏଣିକି କାହା ଉପରେ ଆଉ ରାଗିବି ନାହିଁ । ରାଗ ଆସିଲେ ତାକୁ ସହିଯିବି । ମୋର ଭୁଲ ନ ଥିଲେ ବି ମୁଁ ଯାଇ ଭୁଲ କରିଥିବା ସାଙ୍ଗକୁ ଆଗତୁରା କ୍ଷମା ମାଗିଦେବି । ଏମିତି କଲେ ସେ ମଧ୍ୟ ମୋ ଉପରେ ଯଦି ରାଗିଥାଏ ତେବେ ତା ଭୁଲିଯିବ । ଆମ ସାଙ୍ଗ ଆଉ କଟିଯିବ ନାହିଁ । ଏହା ଫଳରେ ଆମ ଆମ ମଧ୍ୟରେ ଆନ୍ତରିକତା ବଢ଼ିବ । ପରସ୍ପର ମଧ୍ୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରହିବ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ହୃଦୟର ସହିତ ଭଲ ପାଇବୁ । ଏଣିକି ମୋ ମନରେ ଯେତେବେଳେ କୌଣସି କଥାରେ ରାଗ ଆସିବ ନା ମୁଁ ହଠାତ୍ କିଛି ନକରି ଟିକିଏ ଧୈର୍ଯ୍ୟ ଧରି ଚୁପ୍ ରହିଯିବି । ଟିକିଏ ଚୁପ୍ ରହିଗଲେ କିଛି ସମୟ ପରେ ମନରୁ ରାଗଟା ଅପସରି ଯିବ ।

ସାର୍, ମୁଁ ଆଜି ବୁଲିବାକୁ ଆସି ଏତିକି ଭଲ କଥା ଶିଖିଲି । ଏହାକୁ ମୁଁ ଜୀବନସାରା ପାଳନ କରିବି । ସବୁବେଳେ ଶାନ୍ତିକାମୀ ହେବି । ଶାନ୍ତି ପାଇଁ ସବୁପ୍ରକାର ମାନ, ଅପମାନ, ଦୁଃଖ ଆଦିକୁ ସହିଯିବି ।

ଶାନ୍ତି, ଶୃଙ୍ଖଳା ଏବଂ ଆନ୍ତରିକତା

ସାର୍ କହିଲେ– ଶୁଣିଲ ପିଲାଏ ! ଫାରୁକ୍ କେଡ଼େ ସୁନ୍ଦର କଥାଟିଏ କହିଲା । ଆମ ଆମ ଭିତରେ ଶାନ୍ତି, ଶୃଙ୍ଖଳା ଏବଂ ଆନ୍ତରିକତା ରକ୍ଷା ପାଇଁ ଆମେମାନେ

Digitized by srujanika@gmail.com

ସବୁବେଳେ ଚେଷ୍ଟା କରିବା। ଅଶାନ୍ତି ଆସିଲେ ଟିକିଏ ଧୈର୍ଯ୍ୟ ଧରି କିପରି ଅଶାନ୍ତି ଦୂର ହେବ ସେଥିପାଇଁ ଉପାୟ ଚିନ୍ତା କରିବା। ନିଜକୁ ଟିକିଏ କଷ୍ଟ ହେଲେ ବି ତାକୁ ବରଦାସ୍ତ କରିବା। କିଛି ସମୟ ପରେ ସବୁ ଠିକ୍ ହୋଇଯିବ।

ଦେଶ, ବିଦେଶ, ଏ ରାଜ୍ୟ, ସେ ରାଜ୍ୟ, ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ, ଶିଖ- ସମସ୍ତେ ହେଉଛନ୍ତି ଏକ ଈଶ୍ୱରଙ୍କ ପୁଅ ଝିଅ। ସମସ୍ତଙ୍କ ରକ୍ତ ଲାଲ୍। ସମସ୍ତଙ୍କର ଦୁଇ ହାତ, ଦୁଇ ଗୋଡ, ଗୋଟିଏ ପାଟି, ଗୋଟିଏ ମୁଣ୍ଡ, ଦୁଇଟା କାନ। ତେଣୁ ଆମେ ସମସ୍ତେ ସମାନ।

ଆମ ସମସ୍ତଙ୍କର ମାଆ ଗୋଟିଏ, ସେ ହେଉଛି ମାଟି ମାଆ ଅର୍ଥାତ୍ ଏଇ ଗୋଲାକାର ପୃଥିବୀ। ସେ ଆମ ସମସ୍ତଙ୍କୁ ତା କୋଳରେ ସ୍ଥାନ ଦେଇଛି। ଆଲୋକ, ଜଳ, ବାୟୁ ଏମାନେ ଆମ ସମସ୍ତଙ୍କୁ ଏକା ଦୃଷ୍ଟିରେ ଦେଖନ୍ତି। ମାଟି ମାଆ ଆମ ସମସ୍ତଙ୍କୁ ଖାଦ୍ୟ ପଦାର୍ଥ ଯୋଗାଉ ଅଛି। ଏ ମାଆ ପାଖରେ କିଏ ବଡ଼ ନୁହେଁ କି କିଏ ସାନ ନୁହେଁ। ସମସ୍ତେ ଏକା। ଏ ମାଆ ପିଠିରେ ସମସ୍ତେ ଚଲାବୁଲା କରନ୍ତି। ନାଚକୁଦ କରନ୍ତି। ଫସଲ ଫଳାନ୍ତି, ଗାଡ଼ି ଚଲାନ୍ତି, ଘର ତୋଳି ରହନ୍ତି। ସବୁ ସେଇ ମାଆ ସହିଛି। ତେଣୁ ଆମେ ଦେଶ ବିଦେଶ ଭେଦରେ ସମସ୍ତେ ସମାନ। ସମସ୍ତେ ଆମର ସାଙ୍ଗସାଥି, ଭାଇଭଉଣୀ, ଗୁରୁଜନମାନେ ଆମର ଗୁରୁ, ପିତାମାତାଙ୍କ ପରି ଅଟନ୍ତି।

ତେଣୁ ଆସ ଆମେ ଆଜି ଏଇ ସମୁଦ୍ର ବେଳାରେ ସମସ୍ତେ ଏକାଠି ହୋଇ ଶପଥ କରିବା।

ଗୀତା : ସାର ଶପଥ କ'ଣ ?

ସାର୍ : ଶପଥ ମାନେ ପଣ, ପ୍ରତିଜ୍ଞା, ସତ୍ୟ ପାଠ।

ଜନ୍ ସାମୁଏଲ୍ : ସାର୍ ! ତା ହେଲେ ମୁଁ ଆଉ ସବୁ ପିଲାଙ୍କୁ ଏଠିକି ଡାକି ଆଣୁଛି।

(ସମୁଦ୍ର ବେଳାରେ ବୁଲାବୁଲି କରୁଥିବା ବିଭିନ୍ନ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପିଲାମାନେ ଡାକି ଆଣି ଏକାଠି କଲେ)

ଗୁରୁଜୀ : ବିଭିନ୍ନ ଅଞ୍ଚଳରୁ ଆସିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀଗଣ ! ମୁଁ ପ୍ରଥମେ ଶପଥ ପାଠ କରିବି। ତା'ପରେ ତୁମେମାନେ ତାକୁ ଦୋହରାଇ (କହି) ଶପଥ ନେବ। ଏବଂ ସାରା ଜୀବନରେ ଏହି ସତ୍ୟପାଠକୁ **ଅକ୍ଷରେ** ଅକ୍ଷରେ ପାଳନ କରିବ।

ଛାତ୍ରଛାତ୍ରୀଗଣ : (ସମସ୍ତେ ଏକ ସ୍ୱରରେ କହି ଉଠିଲେ) ହଁ, ସାର୍ ! ହଁ ସାର୍ ! ଆଜି ଆମେ ସତ୍ୟପାଠ କରିବୁ। ସବୁଦିନ ପାଇଁ ସେହି ସତ୍ୟକୁ ପାଳନ କରିବୁ।

Digitized by srujanika@gmail.com

ସମସ୍ତେ ଶପଥ ନେଲେ

(ପ୍ରଥମେ ଗୁରୁଜୀ ସତ୍ୟପାଠ ଆରମ୍ଭ କଲେ। ସମସ୍ତେ ଏକ ସ୍ୱରରେ ସତ୍ୟପାଠ କଲେ)।

୧। 'ଏ ଜଗତର କୋଟି କୋଟି ଲୋକ ହେଉଛନ୍ତି ଗୋଟିଏ ପରିବାରର ସଦସ୍ୟ', ପ୍ରଥମେ ଏଇ ଭାବନାଟିକୁ ମୋ ହୃଦୟରେ ସ୍ଥାନ ଦେବି।

୨। 'ମୁଁ ସେହି କୋଟି କୋଟି ଲୋକଙ୍କ ପରିବାର ମଧ୍ୟରୁ ଜଣେ ଅଟେ।' ଏକଥା ଅନ୍ତରର ସହିତ ବିଚାରିବି।

୩। ମୁଁ ସବୁବେଳେ ଅନ୍ୟକୁ ହୃଦୟର ସହିତ ଭଲ ପାଇବି।

୪। କାହାରି କଥା ଅଥବା କାହାରି କାର୍ଯ୍ୟରେ ଯଦି ମୋ ମନରେ ଦୁଃଖ ଆସେ, ତେବେ ମୁଁ ରାଗିବି ନାହିଁ। ଟିକିଏ ଧୈର୍ଯ୍ୟ ଧରି ସହ୍ୟ କରିନେବି।

୫। ମୋତେ କେହି ରଗାଇଲେ ମୁଁ ତାକୁ ଶାନ୍ତ ହେବାପାଇଁ କହିବି। ମୋର ଦୋଷ ନଥିଲେ ମଧ୍ୟ ମୁଁ ତାଙ୍କ ପାଖରେ "ମୋର ଦୋଷ ହୋଇଛି, କ୍ଷମା କରିଦିଅ" ବୋଲି ଆଗୁଆ ଯାଇ କହିବି।

୬। କହିବାଠାରୁ ସହିବା ଲୋକ ହେଉଛି ବଡ଼। ତେଣୁ ମୁଁ ଧୈର୍ଯ୍ୟର ସହିତ ସମସ୍ତ କଥାକୁ ସହିବି। ମନରେ ରାଗ ଆସିଲେ ନ ରାଗିବା ପାଇଁ ମନକୁ ବୁଝାଇବି।

୭। ଆମେ ସମସ୍ତେ ଏଇ ପୃଥିବୀ-ମାତାର ସନ୍ତାନ। ତେଣୁ ଆମ ମଧ୍ୟରେ ନିଜ ଆଉ ପର ବୋଲି କିଛି ନାହିଁ। ଏଇ ଭାବନା ସବୁବେଳେ ମନେ ରଖିବି।

୮। କେହି ଜଣେ ବିପଦରେ ପଡ଼ିଲେ ତାକୁ ସେ ବିପଦରୁ ଉଦ୍ଧାର କରିବାକୁ ସାହାଯ୍ୟ କରିବି ; ମାତ୍ର କେହି ଜଣେ ଅନ୍ୟର କ୍ଷତି କରୁଥିଲେ ସେପରି ଦୋଷୀ ଲୋକକୁ ତା ନିଜର ଦୋଷ ପାଇଁ ଦୁଃଖପ୍ରକାଶ କରିବାକୁ କହିବି ; କ୍ଷମା ମାଗିବାକୁ କହିବି। ଭବିଷ୍ୟତରେ ଯେପରି ଆଉ ସେ ସେଭଳି ଦୋଷ ନକରେ ସେ ବିଷୟରେ ତାକୁ ବୁଝାଇ ଭଲ ବାଟକୁ ଆଣିବାକୁ ଚେଷ୍ଟା କରିବି।

୯। ଜଣେ ଯେକୌଣସି ଭାଷାଭାଷୀର ଲୋକ ହୋଇଥାଉ ପଛେ ମୁଁ ତା'ଭାଷାକୁ କେବେହେଲେ ନିନ୍ଦା କରିବି ନାହିଁ। ବରଂ ଆଦର କରିବି।

୧୦। ଅନ୍ୟ କୌଣସି ସଂପ୍ରଦାୟ ବା ଧର୍ମର ଲୋକଙ୍କୁ ମୁଁ କେବେହେଲେ ନିନ୍ଦା ବା ଘୃଣା କରିବି ନାହିଁ। ସମ୍ମାନ ଦେବି। କାରଣ ଆମେମାନେ ସମସ୍ତେ ସେହି ଏକ ଈଶ୍ୱରଙ୍କର ପୁଅ ଝିଅ।

Digitized by srujanika@gmail.com

ଶାନ୍ତି ଏବଂ ସହନଶୀଳତା ପାଇଁ ଶପଥ



Digitized by srujanika@gmail.com

୧୧। ଅନ୍ୟ କୌଣସି ଜାତିର ଲୋକଙ୍କୁ ମୁଁ କେବେହେଲେ ଘୃଣା କରିବି ନାହିଁ। ସେମାନେ ମଧ୍ଯ ମୋ'ପରି ସେହି ଏକ ଈଶ୍ୱରଙ୍କର ପୁଅ ଝିଅ।

୧୨। ମୁଁ କାହାରିକୁ ତା'ର ଖରାପ କାମ ପାଇଁ ନିନ୍ଦା କରିବି ନାହିଁ। ବରଂ ତାକୁ ବୁଝାଇ ସୁଝାଇ ଭଲ ବାଟକୁ ଆଣିବା ପାଇଁ ଚେଷ୍ଟା କରିବି।

୧୩। ମିଳିମିଶି କୌଣସି କାମ କଲାବେଳେ ଦୁର୍ବଳଙ୍କୁ ସାହାଯ୍ୟ କରିବି। ମିଳିମିଶି ଖେଳିଲାବେଳେ ହାରିଗଲେ ଦୁଃଖ କରିବି ନାହିଁ କି କାହାରି ଉପରେ ରାଗିବି ନାହିଁ। ମିଳିମିଶି ଖେଳିଲାବେଳେ ମୁଁ ଜିଣିଗଲେ ମନରେ ଗର୍ବ କରିବି ନାହିଁ। ଖେଳରେ ହାର ଜିତ୍‌ଟା ସାଧାରଣ କଥା। ତେଣୁ ଖେଳ ସମୟରେ ଯେଉଁ ଜିଦ୍ ଭାବ ନେଇ ଖେଳାଯାଏ ସେକଥା ଖେଳ ପରେ ଭୁଲିଯିବାକୁ ଚେଷ୍ଟା କରିବି।

୧୪। ମୋଠାରୁ କେହି ଭଲ ପଢୁଥିଲେ ମୁଁ ତା'ପ୍ରତି ଈର୍ଷା ନକରି ବରଂ ତା'ପାଖକୁ ଯାଇ ପାଠ ବୁଝି ଆସିବି। ମୋଠାରୁ କେହି ଯଦି ଭଲ ପଢୁ ନଥାଏ, ତେବେ ମୁଁ ମୋର ବଳକା ସମୟରେ ତାକୁ ଯାଇ ପାଠ ବତାଇ ଦେବି।

୧୫। ମିଠା କଥା କହିବାରେ ଟଙ୍କା ପଇସା ଖର୍ଚ୍ଚ ହୁଏନା। ତେଣୁ ମୁଁ ସବୁବେଳେ ମିଠା କଥା କହିବି। କାହାରିକୁ କଡ଼ା ଭାଷାରେ କିଛି କହିବି ନାହିଁ।

୧୬। କୌଣସି ସାଙ୍ଗ କିଛି ଭୁଲ କଲେ ସେକଥା ଅନ୍ୟକୁ ନକହି ପ୍ରଥମେ ଯାଇ ତାକୁ ତା'ର କେଉଁଠି ଭୁଲ ରହିଲା ବୁଝାଇ ଦେବି। ଏକଥା ତା'ରିଛଡ଼ା ଅନ୍ୟ କାହାକୁ କହିବି ନାହିଁ। କାରଣ ଏହାଦ୍ୱାରା ତା' ମନ ଖରାପ ହେବ।

୧୭। ଆମେ ସମସ୍ତେ ଗୋଟିଏ ପୃଥିବୀ ମାତାର ସନ୍ତାନ-ସନ୍ତତି। ତେବେ ଆସନ୍ତୁ, ଆମେ ପରସ୍ପରକୁ ଭଲ ପାଇବା।

ପରସ୍ପରକୁ ଭଲ ପାଇବା

☛ ଭଲ ପାଇବାରେ ଟଙ୍କା ପଇସା ଲାଗେନା। ପରସ୍ପରକୁ ଭଲ ପାଇବା ଏକ ଅମୂଲ୍ୟ ଆଚରଣ।

☛ ଭଲ ପାଇବାଟା ଖରାପ ନୁହେଁ। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭଲ ପାଇବାକୁ ଶିଖ।

☛ ଭଲ ପାଇବାରେ କୁଟିଳତା ନାହିଁ। ମନରେ ସରଳ ଓ ନିର୍ମଳ ଭାବ ନେଇ ସମସ୍ତଙ୍କୁ ଭଲ ପାଅ।

☛ ଭଲ ପାଇବା କେବେହେଲେ କର୍କସ ହୋଇପାରେନା। ନମ୍ର, ଭଦ୍ର ବ୍ୟବହାର ହିଁ ଭଲ ପାଇବାର ଲକ୍ଷଣ।

☛ ଭଲ ପାଇବାରେ ଅସହିଷ୍ଣୁତା ନାହିଁ। ଅନ୍ତରର ସହିତ ଭଲ ପାଇଲେ ସହିଷ୍ଣୁତା ଆପେ ଆପେ ଆସେ।

Digitized by srujanika@gmail.com

☛ ଭଲ ପାଇବାରେ ଉଦ୍ଧତ ପଣିଆ ନାହିଁ। ଶାନ୍ତ ଭାବ ଭଲ ପାଇବାର ଅନ୍ୟ ଏକ ଲକ୍ଷଣ।

☛ ଭଲ ପାଇବାରେ ପଶୁତ୍ୱ ନଥାଏ। ଭଲ ପାଇବା ହିଁ ମଣିଷର କର୍ତ୍ତବ୍ୟ ଓ ଧର୍ମ।

☛ ଭଲ ପାଇବାରେ ଦାମ୍ଭିକତା ବା ଗର୍ବ ନଥାଏ। ନମ୍ରତା ଓ ବିନୟଭାବ ପ୍ରଦର୍ଶନ ହେଉଛି ଭଲ ପାଇବାର ପ୍ରଧାନ ଲକ୍ଷଣ।

☛ ଭଲ ପାଇବାରେ କ୍ରୋଧ ବା ରାଗ ନଥାଏ। ଭଲପାଇ ଶିଖିଲେ ମନ ଓ ହୃଦୟରେ ଶାନ୍ତି ଜନ୍ମେ।

☛ ଭଲ ପାଇବାରେ ହିଂସା ବା ପ୍ରତିହିଂସାର ସ୍ଥାନ ନାହିଁ। ଅନ୍ୟ ପାଇଁ ତ୍ୟାଗ ହିଁ ଭଲ ପାଇବାର ମୁଖ୍ୟ କର୍ମ।

☛ ଭଲ ପାଇବାରେ ଈର୍ଷା ନଥାଏ। ଅହିଂସା, ପ୍ରେମ ଓ ଆଦର ଏସବୁ ଭଲ ପାଇବାର ଚିହ୍ନ।

☛ ଭଲ ପାଇବାରେ ଲୋଭ ନଥାଏ। ନିର୍ଲୋଭ ଏବଂ ତ୍ୟାଗ ହେଉଛି ପ୍ରକୃତ ଭଲ ପାଇବାର ଗୁଣ।

☛ ଭଲ ପାଇବାରେ ସଂଦେହର ସ୍ଥାନ ନାହିଁ। ପରସ୍ପର ପ୍ରତି ବିଶ୍ୱାସ ଜନ୍ମିଲେ ଭଲ ପାଇବା ସ୍ଥାୟୀ ହୁଏ।

☛ ଭଲ ପାଇବାର ଅର୍ଥ ନୁହେଁ କେବଳ ନିଜକୁ ଓ ନିଜର ପାଖଲୋକଙ୍କୁ ଭଲ ପାଇବା। ଜାତି, ଧର୍ମ, ସଂପ୍ରଦାୟ, ବର୍ଣ୍ଣ ଏବଂ ଗରୀବ, ଦୁଃଖି ସମସ୍ତଙ୍କୁ ଭଲ ପାଇବା ହେଉଛି ପ୍ରକୃତ ଭଲ ପାଇବା।

ଶପଥ ପାଠ ଶେଷ ହେଲା। ପୁରୀ ସମୁଦ୍ର ବେଳାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଲକ୍ଷ୍ୟ କରି ଜନ୍ ସାମୁଏଲ କହିଲା – "ସାର୍ ! ଆମେ ବାହାରୁ ଆସିଛୁଁ। ଓଡ଼ିଶା ରାଜ୍ୟର କେତେ ଜଣ ବିଶିଷ୍ଟ ଲୋକଙ୍କ କାର୍ଯ୍ୟକଳାପ ବିଷୟରେ ଆପଣ କୁହନ୍ତୁ। ଆମେ ଯେପରି ତାଙ୍କ କାର୍ଯ୍ୟକଳାପରୁ ଶାନ୍ତି ଓ ସହନଶୀଳତା ବିଷୟରେ ପ୍ରମାଣ ପାଇବୁ। ଧୈର୍ଯ୍ୟ ଓ କ୍ଷମା ବିଷୟରେ ଜାଣିପାରିବୁ। ତାଙ୍କ ଆଦର୍ଶର ପ୍ରଭାବ ଆମ ମନ ଉପରେ ପଡ଼ି ପାରିବ।

ସଙ୍ଗେ ସଙ୍ଗେ ଜଣେ ଶିକ୍ଷକ ତାଙ୍କର କଥା ଆରମ୍ଭ କଲେ। ସେ କହିଲେ, "ଉପସ୍ଥିତ ଛାତ୍ରଛାତ୍ରୀଗଣ ! ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ବନ୍ଧୁଗଣ ! ମୁଁ 'କଳିଙ୍ଗ ଯୁଦ୍ଧ' ବିଷୟରେ କହୁଛି ଶୁଣ –

କଳିଙ୍ଗ ଯୁଦ୍ଧ

ଭାରତ ବର୍ଷର ଓଡ଼ିଶା ରାଜ୍ୟଟିକୁ ସମସ୍ତେ ଜାଣନ୍ତି। ପୂର୍ବରୁ ଏଇ 'ଓଡ଼ିଶା'ର ନାମ ଥିଲା 'କଳିଙ୍ଗ', ଅଶୋକ ନିଜର ବଡ଼ିମା ବଢାଇବା ପାଇଁ ରାଜ୍ୟ ପରେ ରାଜ୍ୟ ଜୟକରି ଚାଲିଥାଆନ୍ତି। ଭାରତର ଉତ୍ତର ପଟୁ ସବୁ ରାଜ୍ୟ ଜୟ କରି ଆସି ପହଞ୍ଚିଲେ ଆଜିର ଓଡ଼ିଶା ଅର୍ଥାତ୍

Digitized by srujanika@gmail.com

ପୂର୍ବର ସେହି କଳିଙ୍ଗ ରାଜ୍ୟରେ । ସାଙ୍ଗରେ ବହୁ ସୈନ୍ୟ, ହାତୀ, ଘୋଡ଼ା, ଅସ୍ତ୍ର-ଶସ୍ତ୍ର ନେଇ ହାଜର ହେଲେ । କଳିଙ୍ଗର ବୀର ପାଇକମାନେ ଅଶୋକଙ୍କ ସୈନ୍ୟଙ୍କ ସହିତ ପ୍ରାଣ ପଣେ ଲଢ଼ିଲେ । ଜନମ ମାଟିର ସ୍ୱାଧୀନତା ବଜାୟ ରଖିବା ପାଇଁ ବହୁ ସୈନ୍ୟ ପ୍ରାଣଦେଲେ ।

ଘମାଘୋଟ ଲଢେଇ ଚାଲିଲା । ଉଭୟ ପକ୍ଷରୁ ବହୁ ସୈନ୍ୟ ଏବଂ ଯୋଦ୍ଧା, ଘୋଡା, ହାତୀ ମଲେ । ବେଶୀ ସଂଖ୍ୟାରେ ମରୁଥାନ୍ତି କଳିଙ୍ଗ ରାଜ୍ୟର ଲଢୁଆ ବୀରମାନେ ।

ଏତେ ଲୋକ ମରି ପଡ଼ିଥାନ୍ତି ଯେ ଚାରିଆଡ଼େ କେବଳ ମଣିଷ ଓ ଲଢୁଆ ଘୋଡ଼ା ହାତୀଙ୍କର ଶବ ହିଁ ଦିଶୁଥାଏ । ସେତେବେଳକୁ ମାଟି ଓ ପାଖ ନଦୀର ଜଳ ସବୁ ରକ୍ତରେ ଲାଲ ହୋଇଗଲାଣି ।

ଏହି ସମୟରେ ଜଣେ ବୌଦ୍ଧ ସନ୍ନ୍ୟାସୀ ଯାଇ ଅଶୋକଙ୍କୁ ଦେଖା କଲେ । ମରି ପଡ଼ିଥିବା ଶବଗୁଡ଼ିକୁ ତାଙ୍କୁ ଦେଖାଇଲେ । ରକ୍ତରେ ଭିଜିଥିବା ଲାଲ ମାଟି, ରକ୍ତରେ ଲାଲ ହୋଇଯାଇଥିବା ନଦୀର ଜଳ ତାଙ୍କୁ ଦେଖାଇଲେ ଏବଂ କହିଲେ –

"ଦିଗ୍‌ବିଜୟୀ ମହାରାଜ ! ଆପଣ ଯଦି ପ୍ରଜାମାନଙ୍କୁ ମାରି ଦେବେ, ତେବେ ଆପଣଙ୍କୁ ରାଜା ବୋଲି କିଏ କହିବ ? ପ୍ରଜା ସବୁ ମରିଗଲେ ଶାସନ କରିବେ କାହାକୁ ? ପ୍ରଥମେ ଏକଥା ବିଚାର କରନ୍ତୁ ।" ସେ ପୁଣି କହିଲେ –

"ତରବାରୀର ଭୟ ଦେଖାଇ ଯେଉଁ ବିଜୟ ହାସଲ କରାଯାଏ, ତା ପ୍ରକୃତ ଜୟ ନୁହେଁ । ବରଂ ସ୍ନେହ, ଶ୍ରଦ୍ଧା, ପ୍ରେମ, ତ୍ୟାଗ ଏବଂ ଅହିଂସା ବାଟ ଧରନ୍ତୁ । ପ୍ରଜାଙ୍କ ମନ ଉପରେ ବିଶ୍ୱାସ ଜନ୍ମାଇ ତାଙ୍କର ମନ ଓ ହୃଦୟକୁ ଜୟ କରନ୍ତୁ । ତାହାହିଁ ହେବ ପ୍ରକୃତ ବିଜୟ ।"

ଅଶୋକ ଅସଂଖ୍ୟ ଶବ, ରକ୍ତ ନଦୀ, ରକ୍ତ ଭିଜା ଲାଲ ମାଟି ଦେଖିଲେ । ବୌଦ୍ଧ ଭିକ୍ଷୁଙ୍କର ଉପଦେଶ ଶୁଣିଲେ । ତାଙ୍କ ମନ ଓ ହୃଦୟ କାନ୍ଦି ଉଠିଲା । ତାଙ୍କ ମନରୁ ଅହଂଭାବ ବା ଆତ୍ମଗର୍ବ ଦୂର ହୋଇଗଲା । ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ଗଡି ପଡିଲା । ଦୟାରେ ତାଙ୍କ ହୃଦୟ ତରଳି ଗଲା । ତେଣୁ ସେ ଦୟା ପରବଶ ହୋଇ ଯୁଦ୍ଧ ବନ୍ଦ କଲେ । ସେହି ଦିନଠାରୁ ଅସ୍ତ୍ରଶସ୍ତ୍ର ତ୍ୟାଗ କଲେ । "ଅହିଂସା ପରମ ଧର୍ମ" ବୋଲି ଦେଶସାରା ପ୍ରଚାର କଲେ ।

ଏହା ପୂର୍ବରୁ ତାଙ୍କର ହିଂସା ପ୍ରକୃତିକୁ ଦେଖି ଲୋକେ ତାଙ୍କୁ 'ଚଣ୍ଡାଳ-ଅଶୋକ' ବା 'ଚଣ୍ଡାଶୋକ' ବୋଲି ଡାକୁଥିଲେ । ମାତ୍ର ସେ ହିଂସା ଛାଡ଼ି ଅହିଂସା ରାସ୍ତାରେ ଚାଲିବାରୁ ତାଙ୍କୁ ଲୋକେ 'ଧର୍ମପ୍ରାଣ ଅଶୋକ' ବା 'ଧର୍ମାଶୋକ' ବୋଲି କହିଲେ ।

Digitized by srujanika@gmail.com

ଚଣ୍ଡାଶୋକରୁ ଧର୍ମାଶୋକ



Digitized by srujanika@gmail.com

ଆଜି ଆମ ଜାତୀୟ ସରକାରଙ୍କର ମୁଖ୍ୟ ଚିହ୍ନ ହେଉଛି ଅଶୋକ-ସ୍ତମ୍ଭ। ମହାତ୍ମା ଗାନ୍ଧି ଅହିଂସା ନୀତି ଅବଲମ୍ବନ କରି ବିନା ଅସ୍ତ୍ରରେ ମଧ୍ୟ ଦେଶକୁ ସ୍ୱାଧୀନ କରିବା ପାଇଁ ଆନ୍ଦୋଳନ କରିଥିଲେ। ଶେଷରେ ଅସ୍ତ୍ରଧାରୀ ମହା ପ୍ରତାପଶାଳୀ ବୀର ଇଂରେଜ ସରକାର ଅହିଂସା ପାଖରେ ହାର ମାନିଲେ। ଏ ଦେଶବାସୀଙ୍କୁ ତାଙ୍କର ସ୍ୱାଧୀନତା ଫେରାଇ ଦେଲେ।

"ଯେଉଁ ମନ୍ତ୍ର ଭଜି ଆଜି ଭାରତ ସ୍ୱାଧୀନ ସେହି ମନ୍ତ୍ର ଥିଲା ଏହି କଳିଙ୍ଗର ଦାନ।"

ଅର୍ଥାତ୍ ଆଜି ଭାରତ ସ୍ୱାଧୀନ ହେବା ମୂଳରେ ରହିଛି 'କଳିଙ୍ଗ'ର ସେହି ଅହିଂସା ମନ୍ତ୍ର। ସେଇଥିପାଇଁ ଆଜି ଇଂରେଜ ଜାତି ଓ ବ୍ରିଟିଶ ଦେଶ ସହିତ ଆମର ବଂଧୁତା ବିଗତ ପ୍ରାୟ ପଚାଶ ବର୍ଷ ଧରି ରହି ଆସିଛି। ଉଭୟ ଦେଶବାସୀଙ୍କ ମଧ୍ୟରେ ଶାନ୍ତି ଓ ସହନଶୀଳତା ଅତୁଟ ରହିଛି। ଏହା ମୂଳରେ ରହିଛି ଆମର ଅହିଂସା ନୀତି। ଆମେ ଅହିଂସା ନୀତିରେ ଆନ୍ଦୋଳନ କରିବାରୁ ଇଂରେଜ ଜାତି ତାଙ୍କ ମନରୁ ହିଂସାଭାବ ପରିତ୍ୟାଗ କଲେ। ଆମ ଦେଶବାସୀଙ୍କ ପ୍ରତି ଉଦାର ନୀତି ଅବଲମ୍ବନ କଲେ। ଆମକୁ ସ୍ୱାଧୀନତା ଦେଇଗଲେ। ଆମ ସହିତ ବନ୍ଧୁତା ବଜାୟ ରଖିଲେ। ●

ଅଶୋକ

ସୂଚନା :- ଅଶୋକ ଖ୍ରୀଷ୍ଟପୂର୍ବ ୨୭୩ରେ ଜନ୍ମ ହୋଇ ଖ୍ରୀଷ୍ଟପୂର୍ବ ୨୩୨ ରେ ପ୍ରାଣତ୍ୟାଗ କରିଥିଲେ। ସେ ଭାରତବର୍ଷର ମୌର୍ଯ୍ୟବଂଶୀୟ ରାଜା ବିନ୍ଦୁସାରଙ୍କ ପୁତ୍ର। ଛତ୍ରପତି ହେବାକୁ ଯାଇ ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ମହୀଶୂର ଯାଏ ସାରା ଭାରତ ଏବଂ ଭାରତ ବାହାରର ବେଲୁଚିସ୍ଥାନ, ଆଫଗାନିସ୍ଥାନ ଆଦି ରାଜ୍ୟକୁ ଦଖଲ କରିଥିଲେ। ମାତ୍ର କଳିଙ୍ଗ (ଆଜିର ଓଡ଼ିଶା ରାଜ୍ୟ) ସେତେବେଳେ ଏକ ସ୍ୱାଧୀନ ରାଜ୍ୟ ଥିଲା। ମେଘାସ୍ଥିନିସ୍‌ଙ୍କ ରିପୋର୍ଟ ଅନୁଯାୟୀ ସେତେବେଳେ କଳିଙ୍ଗରେ ୬୦ ହଜାର ଲୋକ ଥିଲେ। ୧୦ ହଜାର ଘୋଡ଼ା ଓ ଘୋଡ଼ା ଚଢ଼ାଳୀ ସୈନ୍ୟ ଥିଲେ। ୬୦୦ ହାତୀ ଥିଲେ। କଳିଙ୍ଗବାସୀଙ୍କ ବୀରତ୍ୱ ଏବଂ ସ୍ୱାଧୀନତା ଅଶୋକଙ୍କ ମନରେ ଈର୍ଷା ଜାତକଲା। ତେଣୁ ସେ ଅସଂଖ୍ୟ ସୈନ୍ୟ, ଘୋଡ଼ା, ହାତୀ ଆଣି କଳିଙ୍ଗ ଆକ୍ରମଣ କଲେ; କିନ୍ତୁ କଳିଙ୍ଗ ଯୁଦ୍ଧରୁ ହିଁ ତାଙ୍କ ଭିତରେ ଥିବା ହିଂସାର ବିନାଶ ହେଲା ଏବଂ ଅହିଂସା ଭାବର ଉଦୟ ହେଲା। ତେଣୁ ତାଙ୍କୁ ସାରା ପୃଥିବୀବାସୀ କହିଲେ 'ଅଶୋକ ମହାନ୍'। ପୂର୍ବର' କଳିଙ୍ଗ ବା ଆଜିର ଓଡ଼ିଶା ରାଜ୍ୟଟି ଛୋଟ ରାଜ୍ୟଟିଏ ହେଲେବି ଦୁଇ ହଜାର ବର୍ଷରୁ ଅଧିକ କାଳର "କଳିଙ୍ଗ ଯୁଦ୍ଧ" କଥା ପୃଥିବୀ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ତେଣୁ ସାରା ଜଗତବାସୀ କଳିଙ୍ଗ ବା ଓଡ଼ିଶାକୁ ଜାଣନ୍ତି।

Digitized by srujanika@gmail.com

ଏହାପରେ ଗୀତାରାଣୀ କହିଲେ- "ମାଡାମ୍! ଆପଣ ମଧ ଗୋଟିଏ ସତ୍ୟ ଘଟଣା ଆମକୁ କୁହନ୍ତୁ।"

ମାଡାମ୍ ଆରମ୍ଭ କଲେ–

ଉପସ୍ଥିତ ଛାତ୍ରଛାତ୍ରୀବୃନ୍ଦ ଏବଂ ମୋର ଶିକ୍ଷକ ଶିକ୍ଷୟିତ୍ରୀ ବଂଧୁଗଣ! ମୁଁ ଡକ୍ଟର ହରେକୃଷ୍ଣ ମହତାବ୍‌ଙ୍କ ବିଷୟରେ କହିବି –

ଡକ୍ଟର ହରେକୃଷ୍ଣ ମହତାବ

ଆମ୍ଭେମାନେ ଜାଣୁ, ଆମ ଦେଶ ବହୁବର୍ଷ ଧରି ପରାଧୀନ ଥିଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା। ଆମେ ସେହିଦିନଠାରୁ ସ୍ୱାଧୀନ ହେଲୁ। ଓଡ଼ିଶା ଭାରତବର୍ଷର ଗୋଟିଏ ଛୋଟିଆ ରାଜ୍ୟ। ଓଡ଼ିଶା ରାଜ୍ୟରେ ଯେ ଅନେକଥର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ ତାଙ୍କ ନା ହେଉଛି 'ହରେକୃଷ୍ଣ ମହତାବ୍'। ସ୍ୱାଧୀନତା ପୂର୍ବରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା।

(୧)

ତାଙ୍କ ପିଲା ଦିନର ଗୋଟିଏ ଘଟଣା। ସେ କଟକର ରେଭେନ୍‌ସା କଲେଜରେ ପଢୁ ଥାଆନ୍ତି। ମହାତ୍ମାଗାନ୍ଧିଙ୍କ ଅହିଂସା ନୀତିରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥାଏ। ସେ ପଢା ଛାଡି ଅହିଂସ ଆନ୍ଦୋଳନରେ ଯୋଗ ଦେବେ ବୋଲି ସ୍ଥିରକଲେ। କିନ୍ତୁ ବିନା ଅସ୍ତ୍ରରେ ଅହିଂସା ଆଚରଣ ଦ୍ୱାରା ଶକ୍ତିଶାଳୀ ବ୍ରିଟିଶ ସରକାର ସହିତ କିପରି ଲଢ଼ିବେ? ସେଥିପାଇଁ ତ ତାଙ୍କୁ ବହୁତ ନିଛି ଶାରୀରିକ କଷ୍ଟ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼ିବ! ମହତାବ୍ ନିଜକୁ ପ୍ରଶ୍ନ କଲେ– ସେହି ଯନ୍ତ୍ରଣା ସବୁ ସେ ନିଜେ ସହିପାରିବେ କି? ତେଣୁ ଆଗ ନିଜ ଉପରେ ତାହା ପରୀକ୍ଷା କରିବାକୁ ସ୍ଥିର କଲେ।

ତାଙ୍କର ବିଶାଳ ଶରୀରଟିଏ ଥିଲା। ସେ ଖୁବ୍ ବଳବାନ୍ ଥିଲେ। ସେ ଦେଖିଲେ ତାଙ୍କ ସାମନାକୁ ଯେ କୌଣସି ବଳବାନ୍ ବ୍ୟକ୍ତି ଆସିଲେ ବି ବାହୁ ବଳରେ ତାଙ୍କୁ ସେ ପ୍ରତିରୋଧ କରିପାରିବେ। ତେଣୁ ନିଜ ଶାରୀରିକ ଶକ୍ତି ଉପରେ ତାଙ୍କର ବିଶ୍ୱାସ ଆସିଗଲା।

ଏହାପରେ ନିଜର ମାନସିକ ଶକ୍ତି ଓ ମନବଳ ସେ ପରୀକ୍ଷା କରିବାକୁ ବାହାରିଲେ। ଯାଇ ପହଞ୍ଚିଲେ କଟକ ସହରର ଚଉଧୁରୀ ବଜାରଠାରେ ଥିବା ଗୋଟିଏ ପାନ ଦୋକାନରେ। ସେ ସମୟରେ ଚଉଧୁରୀ ବଜାରର ସେହି ପାନ ଦୋକାନଟିର ବେଶ୍ ନାଁ ଥାଏ। ସବୁବେଳେ ଗରାଖଙ୍କ ଭିଡ଼ ଲାଗିଥାଏ।

ହରେକୃଷ୍ଣ ମହତାବ ଯାଇ ସେହି ପାନ ଦୋକାନ ପାଖରେ ଠିଆ ହେଲେ। କହିଲେ – "ହେ ଦୋକାନୀ ଭାଇ! ମୋତେ ପଇସାକର 'ଆଚାର ଦେଲ'?" ଏହା କହି ପଇସାଟିଏ ଦୋକାନୀ ସାମନାରେ ଥୋଇ ଦେଲେ।

ଦୋକାନୀ ଭାବିଲା ଏଠି ତ 'ପାନ' ବିକ୍ରି ହୁଏ। ଏ ପିଲାଟା କ'ଣ 'ଆଚାର'

Digitized by srujanika@gmail.com

ମାଗୁଛି ! ବୋଧହୁଏ ମୋ ଶୁଣିବାରେ ଭୁଲ ରହିଗଲା କି କ'ଣ ? ତେଣୁ ଦୋକାନୀ ସଙ୍ଗେ ସଙ୍ଗେ କିଛି ନ କହି ଟିକିଏ ଚୁପ୍ ରହିଗଲା । କିଛି ସମୟ ପରେ ହରେକୃଷ୍ଣ ମହତାବ୍ ଦୋକାନୀଙ୍କୁ ଟିକେ କଡ଼ା ସ୍ୱରରେ ପଚାରିଲେ "କିହୋ ! ତୁମକୁ ପରା ଆଚାର ପଇସାକର ଦେବାକୁ କହିଲି ? ଦେଉନା କାହିଁକି ? ଅନ୍ୟମାନେ ତୁମ ଗ୍ରାହକ ; ମୁଁ ଜଣେ କ'ଣ ଗ୍ରାହକ ନୁହେଁ ?"

ଦୋକାନୀ ଏକଥା ଶୁଣି ପଚାରିଲା – "କ'ଣ ତୁମେ 'ଆଚାର' ମାଗୁଛ ?"

"ହଁ-, ହଁ- ଆଚାର ମାଗୁଛି । ଶୁଣି ପାରୁନା ?"

ଦୋକାନୀ ମହତାବଙ୍କ କଡା କଥା ଶୁଣି ଟିକିଏ ବିରକ୍ତ ହୋଇ କହିଲା – "ଏଇଟା ଗୋଟାଏ ପାନ ଦୋକାନ । ଏଠି ଆଚାର ମିଳେ ବୋଲି ତୁମକୁ କିଏ କହିଲା ? ତୁମ ପଇସା ଏଠୁ ଉଠାଇ ନିଅ ।"

ମହତାବ ତ କାଣ୍ଟାବାଡ଼ରେ ଲୁଗା ପକାଇ ଭଳି ସୃଷ୍ଟି କରିବାକୁ ଯାଇଛନ୍ତି । ଅପମାନକୁ ଆମନ୍ତ୍ରଣ କରିବା ତାଙ୍କର ଇଚ୍ଛା । ତେଣୁ ଦୋକାନୀକୁ କହିଲେ– "କିହୋ ! ତୁମେ ଏତେ ବଡ଼ ଦୋକାନଟିଏ କରିଚ, ଏଠି ଆଚାର ରଖିନା ? ତା'ହେଲେ ଆମଭଳି ଗ୍ରାହକ କେଉଁଠିକି ଯିବେ ?"

ଦୋକାନରେ ସେତେବେଳେ ଗ୍ରାହକ ଭିଡ଼ । ଏଣେ ଦୋକାନୀ ସହିତ ମହତାବଙ୍କର ବିତଣ୍ଡା ଯୁକ୍ତି । ଦୋକାନୀ ରାଗିଯାଇ ମହତାବ ଦେଇଥିବା ପଇସାକୁ ତାଙ୍କ ଉପରକୁ ଫିଙ୍ଗି ଦେଲା ଏବଂ ଗାଳିଗୁଲଜ କରି ଏଣୁତେଣୁ କହିଲା ।

ସେତିକିରେ କଥା ସରିଗଲା ନାହିଁ । ଦୋକାନ ପାଖରେ ଥିବା ଗ୍ରାହକମାନେ ଏ ସବୁ କଥା ଶୁଣୁ ଥାଆନ୍ତି । ସେମାନଙ୍କ ମଧରୁ କେତେଜଣ ମଧ ମହତାବଙ୍କୁ କଡ଼ା କଡ଼ା କଥା କହି ଅପମାନିତ କଲେ । କିଏ ଥଟ୍ଟା କଲା ଓ କିଏ ଭୟ ଦେଖାଇଲା । ସେତେବେଳେ ହରେକୃଷ୍ଣ ମହତାବ ଯଦିଓ ଅନ୍ତର ଭିତରେ ଖୁବ୍ କଷ୍ଟ ଅନୁଭବ କରୁଥାନ୍ତି ; ତଥାପି ସେହି ଅପମାନଜନକ କଥାକୁ ନିଜେ ସହି ପାରୁଛନ୍ତି କି ନା ତା ନିଜ ଉପରେ ପରୀକ୍ଷା ଚଳାଇଥାନ୍ତି ।

କିଛି ସମୟ ଧୈର୍ଯ୍ୟର ସହିତ ସମସ୍ତ ଅପମାନକୁ ସହିନେଲେ । ତା'ପରେ ସବୁ ଶାନ୍ତ ହୋଇଗଲା । ସେ କାହାକୁ କିଛି ନକହି ସେଠାରୁ ଚାଲି ଆସିଲେ । ମନେ ମନେ ସ୍ଥିର କଲେ ସେ ଏଣିକି ଯେକୌଣସି ମାନ ଅପମାନକୁ ସହ୍ୟ କରି ପାରିବେ । କେବଳ ସେହି ମୁହୂର୍ତ୍ତଟି ଧୈର୍ଯ୍ୟ ଧରି କିଛି ସମୟ ପାଇଁ ଚୁପ୍ ରହିଗଲେ ସହିବାର ଶକ୍ତି ଆପେ ଆପେ ଆସିଯିବ ।

କେବଳ ସେତିକି ନୁହେଁ– ସେ ଦୋକାନରୁ ଚାଲି ଆସିବାବେଳେ ଦୋକାନୀ ଏବଂ ଉପସ୍ଥିତ ଗ୍ରାହକମାନଙ୍କୁ ନିଜର ଭୁଲ ପାଇଁ କ୍ଷମା ମାଗିଥିଲେ ଏବଂ ସେମାନେ ତାଙ୍କୁ ଅପମାନିତ କରିଥିବା

Digitized by srujanika@gmail.com



Digitized by srujanika@gmail.com

କାରଣରୁ ଦୁଃଖପ୍ରକାଶ କଲେ। ଭବିଷ୍ୟତରେ ସେମାନଙ୍କ ସହିତ ବହୁବାର ଦେଖାସାକ୍ଷାତ ହୋଇଥିଲେ ମଧ ତାଙ୍କ ସହିତ ମହତାବଙ୍କର ଘନିଷ୍ଠ ସମ୍ପର୍କ ଅତୁଟ ରହିଥିଲା। ବଞ୍ଚିଥିବା ଯାଏ ସେମାନେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭଲ ପାଉଥିଲେ।

(୨)

ଆଉ ଦିନକର କଥା। ରେଭେନ୍ସା କଲେଜକୁ ସବୁ ଛାତ୍ର ପ୍ୟାଣ୍ଟ ସାର୍ଟ ପିନ୍ଧି ଯାଇଥାଆନ୍ତି। ହରେକୃଷ୍ଣ ମହତାବ ଅନ୍ୟ ଛାତ୍ରଙ୍କ ପରି ଆଗରୁ ପେଣ୍ଟ ସାର୍ଟ ପିନ୍ଧି କଲେଜ ଯାଉଥିଲେ। ଦିନେ ଖଣ୍ଡିଏ ମଠା ଲୁଗା ପିନ୍ଧି, ମଠା ଚଦରଟିଏ କାନ୍ଧରେ ପକାଇ, ମୁଣ୍ଡରେ ପଗଡ଼ି ଭିଡ଼ି ଦେଇ, ମଥାରେ ଚନ୍ଦନ ସିନ୍ଦୂର ଲଗାଇ ଯାଇ ଗୋଟିଏ ସାଧୁ ବେଶରେ କ୍ଲାସରେ ବସିଗଲେ। ଅନ୍ୟ ସହପାଠୀମାନେ ମହତାବଙ୍କର ଏ ବେଶ ଦେଖି ଟିଟିକାରୀ ମାରିଲେ। ପଛରେ ବସିଥିବା ଛାତ୍ରମାନେ ତାଙ୍କ ଉପରକୁ କାଗଜ ମୋଡ଼ି ପକାଇଲେ। ଯା'ମୁହଁରେ ଯା ଆସିଲା କହି ତାଙ୍କୁ ଥଟ୍ଟା କଲେ। ଝିଅ ପିଲାମାନେ ତାଙ୍କୁ ଦେଖି ଫିଁ ଫିଁ ହସିଲେ।

କିନ୍ତୁ ମହତାବ ସେ ଦିନଟିର ସମସ୍ତ କ୍ଲାସ ସେଇ ବେଶରେ ଥାଇ ଯୋଗ ଦେଲେ। ସହପାଠୀଙ୍କ ଠାରୁ ଥଟ୍ଟା ଓ ଗାଳି ଶୁଣି ମନରେ ବହୁତ କିଛି ରାଗ, ଆସୁଥାଏ। ତାଙ୍କ ଶାରୀରିକ ଗଠନ କଥା ତ ଆଗରୁ କହିଛି। ଚାହିଁଥିଲେ ସେ ଏକା ଏକା ତାଙ୍କ ବାହୁ ବଳରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଘାୟଲ୍ କରି ଦେଇପାରି ଥାଆନ୍ତେ। ମାତ୍ର ସେ ନିଜର ଧୈର୍ଯ୍ୟ ଶକ୍ତି ଉପରେ ନିଜେ ପରୀକ୍ଷା ଚଳାଉ ଅଛନ୍ତି। ଅପମାନକୁ ବରଦାସ୍ତ କରିବାର ଶକ୍ତି ତାଙ୍କର ଅଛି କି ନା ତାହା ସେ ପରୀକ୍ଷା କରି ଦେଖୁଛନ୍ତି। ଏହାଛଡ଼ା ଯେଉଁମାନେ ତାଙ୍କୁ ଅପମାନିତ କରୁଛନ୍ତି ସେମାନଙ୍କ ଉପରେ ଥିବା ତାଙ୍କର ରାଗଟାକୁ ସେ ମନରୁ ଏଡ଼ାଇ ଦେଇ ପାରୁଛନ୍ତି କି ନା ତା ମଧ ଲକ୍ଷ୍ୟ କରୁଛନ୍ତି। ଏହିପରି ସେ ଅନ୍ୟକୁ ହୃଦୟର ସହିତ କ୍ଷମା ଦେଇପାରୁଛନ୍ତି କି ନା, ନିଜର ଚଞ୍ଚଳ ମନକୁ ସେ ନିଜ୍ଵ ବିବେକର ଆୟତକୁ ଆଣି ପାରୁଛନ୍ତି କି ନା ତା ପରୀକ୍ଷା କରୁଥାନ୍ତି।

କିଛି ସମୟ ପରେ ସବୁ ଠିକ୍ ହୋଇଗଲା। ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମନେ ମନେ କ୍ଷମା ଦେଲେ। ମନରୁ ଏବଂ ହୃଦୟରୁ ସମସ୍ତ ରାଗ ଦୂରେଇ ଦେଲେ। ପଛକଥା ସବୁ ଭୁଲି ଗଲେ। ପରଦିନ ସମସ୍ତଙ୍କ ସହିତ ମିଶିଲେ। କୋଳାକୋଳି ହେଲେ। ଯେଉଁ ଛାତ୍ର ବଂଧୁମାନେ ତାଙ୍କୁ ଅପମାନିତ କରିଥିଲେ, ସେମାନେ ତାଙ୍କ ପାଖରେ କ୍ଷମା ମାଗିଲେ। ପରସ୍ପର ମଧରେ ସମ୍ପର୍କ ଏବଂ ବଂଧୁତା ଆଗଠାରୁ ବହୁତ ବଢ଼ିଗଲା। ବାସ୍ତବରେ ଏଥର ପରସ୍ପର ମଧରେ ହୃଦୟର ମିଳନ ଘଟିଲା।

Digitized by srujanika@gmail.com

ଗତକାତ ମିଶ୍ରଣ



Digitized by srujanika@gmail.com

ସେହିଦିନଠାରୁ ପଢ଼ା ଛାଡ଼ି ହରେକୃଷ୍ଣ ମହତାବ ଗାନ୍ଧିଜୀଙ୍କ ଆଦର୍ଶରେ ଅହିଂସା ଅସ୍ତ୍ର ଧରି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ଦେଶ ସ୍ୱାଧୀନ ହେଲା। ସେ ହେଲେ ଓଡ଼ିଶା ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ।

ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଦେଶ ଭିତରେ ଅନେକ ଛୋଟ ବଡ଼ ରାଜାମାନେ ସେମାନଙ୍କର ସ୍ୱତନ୍ତ୍ର ରାଜ୍ୟର ମୁଖ୍ୟ ବା ରାଜା ଥିଲେ। ହରେକୃଷ୍ଣ ମହତାବ ସେହି ରାଜା ମହାରାଜାମାନଙ୍କୁ ମଧୁର କଥାରେ ଏବଂ ଉପଯୁକ୍ତ ଯୁକ୍ତି ବଳରେ ସେମାନଙ୍କର ହୃଦୟକୁ ଜୟ କଲେ।

(୩)

ପ୍ରଥମେ ଓଡ଼ିଶା ରାଜ୍ୟରେ ଥିବା ୨୬ଟି ଗଡଜାତର ରାଜାଙ୍କୁ ବୁଝାଇ ମନାଇ ତାଙ୍କ ରାଜ୍ୟକୁ ସ୍ୱାଧୀନ ଭାରତ ସହିତ ସାମିଲ କରି ଦେଇଥିଲେ। ସେହି ଆଦର୍ଶରେ ମହତାବ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମିଶି ସାରା ଦେଶରେ ଥିବା ସମସ୍ତ ଦେଶୀୟ ରାଜାଙ୍କର ରାଜ୍ୟକୁ ଭାରତ ସହିତ ସାମିଲ କରି ପାରିଥିଲେ।

(୪)

ହରେକୃଷ୍ଣ ମହତାବ ଓଡ଼ିଶା ରାଜ୍ୟର ମୁଖ୍ୟମନ୍ତ୍ରୀ ଥାଆନ୍ତି। ସେତେବେଳେ ଓଡ଼ିଶାର ରାଜଧାନୀ ଥାଏ କଟକ। ସେ ଦେଖିଲେ ରାଜଧାନୀର ଆକାର ବଢାଇବା ପାଇଁ କଟକରେ ସ୍ଥାନର ଅଭାବ। ତେଣୁ ଓଡ଼ିଶାର ରାଜଧାନୀକୁ କଟକରୁ ଭୁବନେଶ୍ୱର ନେବାପାଇଁ ସ୍ଥିର କରିଦେଲେ। ତାଙ୍କର ଏଇ ପ୍ରସ୍ତାବକୁ ଓଡ଼ିଶା ରାଜ୍ୟର ସମସ୍ତ ଖବର କାଗଜ ବିରୋଧ କଲେ। ଜନସାଧାରଣ ଅତି କଟୁ ଭାଷାରେ ସମାଲୋଚନା କଲେ। ଖବର କାଗଜରେ ତାଙ୍କୁ ଭାରତ ଇତିହାସର 'ମହମ୍ମଦ ତୋଗଲକ' ବୋଲି ଚିତ୍ରଣ କରାଗଲା। ଜନସମାଜରେ ଲାଞ୍ଛିତ କରାଗଲା। ସେ ଥିଲେ ଦୂରଦ୍ରଷ୍ଟା, ତେଣୁ ସେ ତାଙ୍କର ସିଦ୍ଧାନ୍ତରେ ଅଟଳ ରହିଲେ। ଭୁବନେଶ୍ୱରଠାରେ ପଡ଼ି ରହିଥିବା ହଜାର ହଜାର ହେକ୍ଟର ଟାଙ୍ଗରା ପଥୁରିଆ ଭୂଇଁରେ କୌଣସି ଫସଲ ହେଉ ନଥିଲା। ସେଇଠି ନୂଆ ରାଜଧାନୀ ପ୍ରତିଷ୍ଠା କରାଇଲେ। ବର୍ତ୍ତମାନ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଟି ଏକ ସୁନ୍ଦର ମନୋରମ ସହର। ମାତ୍ର ୫୦ ବର୍ଷ ତଳେ କିଏ ଜାଣିଥିଲା ଯେ ଟାଙ୍ଗରା ପତିତ ଭୂଇଁରେ ଏପରି ଏକ ବିଶାଳ ନଗର ଗଢି ଉଠିବ? ଏସବୁ କେବଳ ସେହି ଦୂରଦ୍ରଷ୍ଟା ଧୈର୍ଯ୍ୟବାନ୍ ମହତାବ୍‌ଙ୍କ ଦ୍ୱାରା ହିଁ ସମ୍ଭବ ହେଲା। ସେ ସମସ୍ତଙ୍କ ମଙ୍ଗଳ ପାଇଁ କୌଣସି ଭଲ କାମ କଲାବେଳେ ସମସ୍ତ ବାଧାବିଘ୍ନ ଏବଂ ଅପମାନକୁ ସହ୍ୟ କରି ପାରୁଥିଲେ। ଅପମାନକାରୀଙ୍କୁ ଡାକି ନିଜ କାର୍ଯ୍ୟର ଖରାପ ଦିଗ କ'ଣ ତା ଶୁଣୁଥିଲେ ଏବଂ ଭଲ ଦିଗ କ'ଣ ତା

Digitized by srujanika@gmail.com

ବୁଝାଇ ଦେଉଥିଲେ । କ୍ଷମତାରେ ଥିବା ସମୟରେ ମଧ୍ୟ ତାଙ୍କୁ ସମାଲୋଚନା କରୁଥିବା ଲୋକଙ୍କ ବିରୋଧରେ ସେ କିଛି କରୁ ନଥିଲେ । ବରଂ ସେମାନଙ୍କୁ ସହୃଦୟତାର ସହିତ କ୍ଷମା ଦେଉଥିଲେ ।

ଆମ୍ଭମାନଙ୍କର ତାଙ୍କଠାରୁ ବହୁତ କିଛି ଶିଖିବାର ଅଛି । ଆସ, ଆମ୍ଭେମାନେ ତାଙ୍କ ଆଦର୍ଶକୁ ଅଭ୍ୟାସ କରିବା । ତା'ହେଲେ ଯାଇ ଆମେ ଭଲ ମଣିଷ ହୋଇପାରିବା ।

ହରେକୃଷ୍ଣ ମହତାବ ସାରାଜୀବନ ନିଜର ସ୍ୱାର୍ଥକୁ ଛାଡ଼ି ଜନ ହିତକର କାର୍ଯ୍ୟରେ ସମୟ ବିତାଉ ଥିଲେ । ସେ ଜୀବନରେ ବହୁତ ଅପମାନ, ଲାଞ୍ଛନା ସହିଛନ୍ତି । ତାଙ୍କର ଧୈର୍ଯ୍ୟ, ସାହସ, ସହନଶୀଳତା ଏବଂ ମାନସିକ ସ୍ତରରେ ଅନ୍ୟକୁ କ୍ଷମା ଦେବାର ଗୁଣ ଗୁଡ଼ିକ ଆମ ସମସ୍ତଙ୍କର ଆଜି ଆଦର୍ଶ ହେବା ଉଚିତ ନୁହେଁ କି ?''

●

ହରେକୃଷ୍ଣ ମହତାବ

ସୂଚନା : ହରେକୃଷ୍ଣ ମହତାବ ୧୮୯୮ ମସିହା ନଭେମ୍ବର ୨୫ ତାରିଖରେ ଭାରତବର୍ଷ ଅନ୍ତର୍ଗତ ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲା ଅଗରପଡ଼ାରେ କ୍ଷତ୍ରିୟ ପରିବାରରେ ଜନ୍ମ ହୋଇଥିଲେ । ସେ ୧୯୮୭ ମସିହା ଜାନୁଆରୀ ମାସ ୨ ତାରିଖରେ ପ୍ରାଣତ୍ୟାଗ କରିଥିଲେ । ସେ ଓଡ଼ିଶା ରାଜ୍ୟର ମୁଖ୍ୟମନ୍ତ୍ରୀ, ପ୍ରଥମ ଓଡ଼ିଆ ରାଜ୍ୟପାଳ (ବମ୍ବେ) ଥିଲେ । କେନ୍ଦ୍ରରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହୋଇଥିଲେ । ସେ ଏକାଧାରରେ ଜଣେ ସୁ-ଲେଖକ, କବି, ଐତିହାସିକ, ଗାଳ୍ପିକ, ଔପନ୍ୟାସିକ, ଶିଶୁ-ସାହିତ୍ୟିକ, ରାଜନୀତିଜ୍ଞ, ସାମ୍ବାଦିକ ଏବଂ ନିଷ୍ଠାପର ସ୍ୱାଧୀନତା ସଂଗ୍ରାମୀ । ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କୁହାଯାଏ ।

ସେ ମରୁଡ଼ି ଓ ବଢ଼ିକୁ ରୋକିବା ଏବଂ ଜଳବିଦ୍ୟୁତ ପାଇବା ଉଦ୍ଦେଶ୍ୟରେ ମହାନଦୀର ସମ୍ବଲପୁରଠାରେ ହୀରାକୁଦ ଡ୍ୟାମ ତିଆରି କରାଇଥିଲେ । ସେ 'ପ୍ରଜାତନ୍ତ୍ର' ନାମରେ ଗୋଟିଏ ଦୈନିକ ଓଡ଼ିଶା ଖବରକାଗଜ ପ୍ରକାଶ କରାଇଲେ । ପ୍ରତିବର୍ଷ 'ବିଷୁବ ମିଳନ' ସମାରୋହ କରାଇ ସାହିତ୍ୟିକମାନଙ୍କୁ ସମ୍ମାନିତ କରାଇ ଆସୁଥିଲେ । ତାଙ୍କର ଅବଦାନ ଅବିସ୍ମରଣୀୟ । ଆଜିଯାଏ ତାଙ୍କ ପରି ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ଓଡ଼ିଶାରେ ଜନ୍ମ ହୋଇନାହାନ୍ତି । ସାରା ଭାରତବର୍ଷର ଲୋକେ ତାଙ୍କୁ ଭଲ ଭାବରେ ଜାଣନ୍ତି । ସେ ଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ପଣ୍ଡିତ ଜବାହାର ଲାଲ ନେହେରୁଙ୍କର ସହକର୍ମୀ ।

Digitized by srujanika@gmail.com

ଗପଶପ ଚାଲିଥାଏ। ସମସ୍ତେ ସମୁଦ୍ର ବେଳାରେ ବସି ମନଧ୍ୟାନ ଦେଇ ଶୁଣୁଥାନ୍ତି। ଏହି ସମୟରେ ଜଣେ ମାଡାମ୍ ଠିଆ ହୋଇ ପଡ଼ିଲେ। ପିଲାମାନଙ୍କୁ ଲକ୍ଷ୍ୟ କରି କହିଲେ –

"ମୋର ପ୍ରିୟ ଛାତ୍ରଛାତ୍ରୀଗଣ ! ତମେ ସବୁ ଆମମାନଙ୍କଠାରୁ ଶାନ୍ତି, ମୈତ୍ରୀ ଏବଂ ସହନଶୀଳତା ବିଷୟରେ ଅନେକ କଥା ଜାଣିଲ। ଯେଉଁ ମହାପୁରୁଷଙ୍କ ଠାରେ ଏଇସବୁ ଭଲ ଗୁଣ ଥିଲା, ସେକଥା ଶୁଣିଲ। ନିଜେ ନିଜ ଜୀବନରେ ସେଗୁଡ଼ିକୁ କାମରେ ଲଗାଇ ପାରିଲେ ଭଲ ମଣିଷ ହୋଇପାରିବ।

ଏବେ ତୁମମାନଙ୍କ ମନକୁ ଟିକିଏ ପରୀକ୍ଷା କରିବା। ତୁମେ ତ ବହୁତ ବହି ପଢ଼ିଛ। କହିଲ ଦେଖି ତୁମକୁ କେଉଁ ମହାପୁରୁଷଙ୍କର କାର୍ଯ୍ୟ ପ୍ରଭାବିତ କରିଛି ? ତୁମେ ଜୀବନରେ କେଉଁ ମହାପୁରୁଷଙ୍କର କଥା ଓ କାମକୁ ଗ୍ରହଣ କରିବ ? କାହିଁକି ଗ୍ରହଣ କରିବ ?"

ଗୌତମ ଉଠି ପଡ଼ି କହିବାକୁ ଆରମ୍ଭ କଲା – "ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଭାଇଭଉଣୀ ଗଣ ! ମୋତେ ଯେଉଁ ମହାପୁରୁଷଙ୍କର ଆଦର୍ଶ ପ୍ରଭାବିତ କରିଛି ସେ ହେଉଛନ୍ତି – ସ୍ୱାମୀ ବିବେକାନନ୍ଦ।

ସ୍ୱାମୀ ବିବେକାନନ୍ଦ

ମୁଁ ତାଙ୍କର କେତୋଟି ଆଦର୍ଶକୁ ସାରା ଜୀବନ ପାଳନ କରିବି। ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ଧାର୍ମିକ ନେତା। ସେ ହିନ୍ଦୁ ଥିଲେ ; କିନ୍ତୁ ପୃଥିବୀର ସବୁ ଧର୍ମକୁ ସେ ସମାନ ବୋଲି କହୁଥିଲେ। ସବୁ ଧର୍ମକୁ ସମ୍ମାନ ଦେଉଥିଲେ। ସେ କହୁଥିଲେ ଧର୍ମର ନାଁ ଖାଲି ଅଲଗା। କିନ୍ତୁ ସବୁ ଧର୍ମର ଉଦ୍ଦେଶ୍ୟ ସମାନ। ମୁଁ ମଧ୍ୟ ତାହା ଗ୍ରହଣ କରିସାରିଛି।

Digitized by srujanika@gmail.com

ତାଙ୍କ ମତରେ ଯେଉଁ ଗରିବ, ଦୁଃଖୀ, ଅସହାୟ ବ୍ୟକ୍ତି ଆମ ସମାଜରେ ଅଛନ୍ତି ତାଙ୍କ ପାଖକୁ ଯିବା। ସେମାନେ କିପରି ଦୁଃଖ କଷ୍ଟରେ ଜୀବନ କାଟୁଛନ୍ତି ତାହା ଜାଣିବା। ତାଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା। ତାଙ୍କ ଯଥାଶକ୍ତି ସାହାଯ୍ୟ କରିବା। ତାଙ୍କର ସେବା କରିବା, ତାଙ୍କରି ପାଖରେ ଈଶ୍ୱର ଅଛନ୍ତି, ତାଙ୍କର ସେବା କଲେ ଈଶ୍ୱରଙ୍କୁ ପାଇବ, ମୁଁ ଗରିବ, ଅସହାୟ, ରୋଗୀର ସେବା କରିବି। ଯେଉଁ ଲୋକ ସମାଜରେ ଅବହେଳିତ ତାଙ୍କୁ ସାହାଯ୍ୟ କରିବି। ନିଜେ କଷ୍ଟ ସହି ସେମାନଙ୍କ ଅବସ୍ଥାର ଉନ୍ନତି ପାଇଁ କାମ କରିବି। ତାହା ହିଁ ମୋ ପାଇଁ ହେବ ପ୍ରକୃତ ଈଶ୍ୱର ସେବା।''

ମୁଁ ମୋର ଦୈନନ୍ଦିନ କାର୍ଯ୍ୟ ସହିତ ପ୍ରତିଦିନ କିଛି ସମୟ ଧ୍ୟାନ କରୁଛି। ଏହାଦ୍ୱାରା ମୋର ଏକାଗ୍ରତା ବଢୁଛି। ମନରେ ଶାନ୍ତି ଆସୁଛି। ●

ସ୍ୱାମୀ ବିବେକାନନ୍ଦ

ସୂଚନା: ସ୍ୱାମୀ ବିବେକାନନ୍ଦଙ୍କର ପିଲାଦିନର ନାମ ଥିଲା ଶ୍ରୀ ନରେନ୍ଦ୍ରନାଥ ଦତ୍ତ। ସେ ୧୮୬୨ ମସିହା ଜାନୁଆରୀ ୯ ତାରିଖରେ କଲିକତା ନଗରୀରେ ଜନ୍ମ ହୋଇଥିଲେ। ମାତ୍ର ୪୦ ବର୍ଷ ବୟସରେ ୧୯୦୨ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ। ରାମକୃଷ୍ଣ ପରମହଂସ ଦେବ ବିବେକାନନ୍ଦଙ୍କର ଧାର୍ମିକ ଗୁରୁ ଥିଲେ।

ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋଠାରେ ଅନୁଷ୍ଠିତ ହେଉଥିବା ସର୍ବଧର୍ମ ସମ୍ମିଳନୀରେ ଯୋଗ ଦେଇଥାନ୍ତି। ସେ ସଭାରେ ଉପସ୍ଥିତ ସମସ୍ତ ଧର୍ମର ଧାର୍ମିକ ନେତା ନିଜ ନିଜ ଧର୍ମକୁ ପୃଥିବୀର ସର୍ବଶ୍ରେଷ୍ଠ ଧର୍ମ ବୋଲି ଦାବି କରୁଥାନ୍ତି। ସ୍ୱାମୀ ବିବେକାନନ୍ଦ ସେହି ଧର୍ମ ସଭାରେ ଭାରତର ସନାତମ ଧର୍ମ ବିଷୟରେ ବୁଝାଇବାକୁ ଯାଇ ପ୍ରମାଣ କରି ଦେଇଥିଲେ ଯେ, କୌଣସି ଧର୍ମ ବଡ଼ ବା ଛୋଟ ନୁହେଁ। ମଣିଷର ଶାରୀରିକ, ମାନସିକ, ବୁଦ୍ଧି ଓ ବିବେକର ବିକାଶ ନିମନ୍ତେ ଯେଉଁ ଧର୍ମ ବା ନିୟମ ପାଳନ କରିବାକୁ ହୁଏ, ପ୍ରାଣୀର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହାହିଁ ହେଉଛି ପ୍ରକୃତ ଧର୍ମ। ସେ ଧର୍ମ ସନାତନ ଅର୍ଥାତ୍ ସୃଷ୍ଟିର ଆରମ୍ଭରୁ ପ୍ରତ୍ୟେକ ମଣିଷ ସମାଜରେ ଚଳି ଆସୁଛି। ତାର ପ୍ରକୃତ ଅର୍ଥ ହେଉଛି 'ମାନବ ଧର୍ମ'।

ସ୍ୱାମୀ ବିବେକାନନ୍ଦଙ୍କର 'ମାନବଧର୍ମୀ' ଭାଷଣ ଶୁଣି ଧର୍ମାନ୍ଧ ଧାର୍ମିକ ନେତାଙ୍କର ମୁଣ୍ଡ ତଳକୁ ହୋଇଯାଇଥିଲା। ପୃଥିବୀବାସୀଙ୍କୁ ବିବେକାନନ୍ଦ ସବୁ ଧର୍ମର ଉଦ୍ଦେଶ୍ୟ ଏକ ଏବଂ କର୍ମ ମଧ୍ୟ ଏକ ବୋଲି ବୁଝାଇ ଦେଇ ପାରିଥିଲେ। ଏପରି ଜଣେ ଧାର୍ମିକ ନେତା ପୃଥିବୀରେ ବିରଳ।

Digitized by srujanika@gmail.com

ଆଉ ଜଣେ ଛାତ୍ର ଠିଆ ହୋଇ କହିବାକୁ ଆରମ୍ଭ କଲେ –

"ମୋର ଭାଇଭଉଣୀ ଏବଂ ଗୁରୁଜନ ମାନେ !

ମୁଁ ଅନେକ ମହାପୁରୁଷଙ୍କ ବିଷୟରେ ଜାଣିଛି। କିନ୍ତୁ ରାଜା ରାମମୋହନ ରାୟଙ୍କର ଆଦର୍ଶକୁ ମୁଁ ଜୀବନରେ ଗ୍ରହଣ କରି ନେଇଛି। ତାଙ୍କର ଜନହିତକର କାର୍ଯ୍ୟ ମୋତେ ଖୁବ୍ ପ୍ରଭାବିତ କରିଛି।

ରାଜା ରାମମୋହନ ରାୟ

ମୁଁ ଯେଉଁଥି ପାଇଁ ରାଜା ରାମମୋହନ ରାୟଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇଛି, ତା'କହୁଛି।"

(୧)

ଇଂରେଜମାନେ ଆମ ଦେଶକୁ ଦଖଲ କଲେ। ସେମାନେ ଦେଖିଲେ ଆମ ଦେଶରେ ଶିକ୍ଷା ବା ପାଠପଢ଼ାର କୌଣସି ନିୟମ ନାହିଁ। ଅଧିକାଂଶ ଲୋକ କୌଣସି ମତେ ଅକ୍ଷର ଚିହ୍ନି ନେଉଥିଲେ। ପୁରାଣ ବହି ପଢ଼ି ପାରିଲେ ପାଠପଢ଼ା ପ୍ରାୟ ଶେଷ ହୋଇଯାଉଥିଲା। ଖୁବ୍ କମ୍ ଲୋକ ଉଚ୍ଚଶିକ୍ଷା ପାଇବା ସମ୍ଭବ ହେଉ ଥିଲା। ତେଣୁ ସେମାନେ ପାଠପଢ଼ା ପାଇଁ ସ୍କୁଲ ବସାଇଲେ।

ଇଂରେଜମାନେ ଏ ଦେଶରେ ଶିକ୍ଷାର ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ତିଆରି କଲେ। କେଉଁ ଶ୍ରେଣୀରେ କ'ଣ ପଢାଯିବ, କିପରି ପରୀକ୍ଷା ହେବ ଏସବୁ ସ୍ଥିର କଲେ। ପ୍ରତି ସ୍କୁଲରେ ଇଂରାଜୀ ଶିକ୍ଷାକୁ ବାଧ୍ୟତାମୂଳକ କଲେ ; କିନ୍ତୁ ଭାରତୀୟମାନେ ତାକୁ ଗ୍ରହଣ କଲେ ନାହିଁ।

ରାଜା ରାମମୋହନ ରାୟ ବୁଝାଇଲେ ସମସ୍ତେ ଇଂରାଜୀ ପଢ଼। ଇଉରୋପୀୟ ପଦ୍ଧତିରେ ହୋଇଥିବା ଶିକ୍ଷା ନୀତିକୁ ଗ୍ରହଣ କର। ପୁଅ ଝିଅ ସମସ୍ତେ ସ୍କୁଲକୁ ଯାଅ। ଲୋକେ ତାଙ୍କର କଥାକୁ ମାନିଲେ। ପୁଅ ଏବଂ ଝିଅଙ୍କୁ ପାଠ ପଢାଇଲେ।

(୨)

ସ୍ୱାମୀ ମରିଗଲେ ତାର ସ୍ତ୍ରୀକୁ ବାଧ୍ୟହୋଇ ସେତେବେଳେ ମରଣ ବରଣ କରିବାକୁ ପଡୁଥିଲା। ଇଚ୍ଛା ନଥିଲେ ବି ତାକୁ ଜବରଦସ୍ତ ନେଇ ସ୍ୱାମୀର ଶବ ପୋଡ଼ା ଯାଉଥିବା ଜୁଇ ନିଆଁରେ ଜୀଅନ୍ତା ପକାଇ ପୋଡ଼ି ମାରି ଦିଆ ଯାଉଥିଲା। ତାକୁ "ସତୀଦାହ ପ୍ରଥା" ବୋଲି ଲୋକେ କହୁଥିଲେ। ମାତ୍ର ରାଜା ରାମମୋହନ ରାୟ ନାନା ବାଧାବିଘ୍ନ ସହି ସତୀଦାହ ପ୍ରଥା ଉଠାଇବାକୁ ଆନ୍ଦୋଳନ କଲେ। ନିରୀହ ନିର୍ଦ୍ଦୋଷ ବିଧବା ସ୍ତ୍ରୀକୁ ଜୀଅନ୍ତା ଜାଳି ମାରିଦେବା ସେ ସହିପାରିଲେ ନାହିଁ। ସବୁବେଳେ ସେମାନଙ୍କ ଉଦ୍ଧାର ପାଇଁ ତାଙ୍କର ହୃଦୟ କାନ୍ଦିଲା। ସେତେବେଳର ଭାରତ ଶାସକ ଇଂରେଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ। ଏପରି ଏକ ଜଘନ୍ୟ କୁପ୍ରଥାକୁ ବନ୍ଦ କରିବା ପାଇଁ ସରକାରଙ୍କୁ

Digitized by srujanika@gmail.com



Digitized by srujanika@gmail.com

ଅତି ବିନୟର ସହ ଅନୁରୋଧ କଲେ। ସେତେବେଳେ ସର୍ବୋଚ୍ଚ ଭାରତ ଶାସକ ଥାଆନ୍ତି ଲର୍ଡ ଉଇଲିୟମ୍ ବେଣ୍ଟିଙ୍କ୍। ସେ ରାଜା ରାମମୋହନ ରାୟଙ୍କ ଦାବିକୁ ମାନିନେଲେ। ବେଣ୍ଟିଙ୍କ୍ ଆଇନ ଜାରି କରି ୧୮୨୯ ମସିହାରେ ସତୀଦାହ ପ୍ରଥାକୁ ବେଆଇନ ବୋଲି ଘୋଷଣା କଲେ। ଏ ଦେଶରୁ ସତୀଦାହ ପ୍ରଥା ଉଠିଗଲା।

ମୁଁ ସାମାଜିକ କୁପ୍ରଥା ବିରୁଦ୍ଧରେ ସଂଗ୍ରାମ କରିବି। ସେଥିପାଇଁ ଯେତେ କଷ୍ଟ ସହିବାକୁ ପଡ଼ିବ ତା ଆନନ୍ଦରେ ସହିଯିବି। ଧୈର୍ଯ୍ୟ ରଖି କୁପ୍ରଥାର କୁ-ପରିଣାମ ବିଷୟ ଲୋକଙ୍କୁ ବୁଝାଇବି। ଲୋକଙ୍କ ମନରୁ ଅନ୍ଧ ବିଶ୍ୱାସ ଦୂର କରିବାକୁ ପ୍ରାଣପଣେ ଚେଷ୍ଟା କରିବି।

ସମାଜରେ ଥିବା କୁପ୍ରଥା ଗୁଡ଼ିକର ମୂଳରେ କୌଣସି ବୈଜ୍ଞାନିକ କାରଣ ନଥାଏ। ଲୋକେ ଅନ୍ଧ ଭାବରେ ସେହି କୁପ୍ରଥାକୁ ଗ୍ରହଣ କରିଥାଆନ୍ତି। 'ଅନ୍ଧ ବିଶ୍ୱାସ' ସମାଜରେ ଚଳି ଆସୁଥିବା କୁପ୍ରଥା ଗୁଡ଼ିକୁ ବଞ୍ଚାଇ ରଖିଥାଏ। ତାହା ସମାଜରେ ଅଶାନ୍ତି ସୃଷ୍ଟି କରୁଥାଏ। ଅନିଚ୍ଛା ସତ୍ତ୍ୱେ ଲୋକେ ବାଧ ହୋଇ ଅନ୍ଧ ବିଶ୍ୱାସ ଏବଂ କୁପ୍ରଥାର ବଶବର୍ତ୍ତୀ ହୋଇଥାନ୍ତି। ଏହା ସମସ୍ତଙ୍କ ମନରେ ଅଶାନ୍ତି ସୃଷ୍ଟି କରେ। ମାତ୍ର କେହି ଜଣେ ସାହସ କରି କୁପ୍ରଥା ଏବଂ ଅନ୍ଧ ବିଶ୍ୱାସକୁ ଛାଡ଼ି ପାରନ୍ତି ନାହିଁ। ମୁଁ ସେହି ମହାନ ବ୍ୟକ୍ତି ରାଜା ରାମମୋହନ ରାୟଙ୍କ ପରି ମନରେ ସାହସ ବାନ୍ଧିବି। ଯେତେ ଦୁଃଖ, ଯେତେ କଷ୍ଟ ହେଉ ପଛେ ତାକୁ ସହ୍ୟ କରିବି। କିନ୍ତୁ ସମାଜରେ ଚଳି ଆସୁଥିବା କୁପ୍ରଥା ଏବଂ ଅନ୍ଧ ବିଶ୍ୱାସକୁ ହଟାଇବା ପାଇଁ ସାରା ଜୀବନ କାମ କରିବି। ଏତିକି କହି ପିଲାଟି ବସି ପଡ଼ିଲା।

ରାଜା ରାମମୋହନ ରାୟ

ସୂଚନା : ରାଜା ରାମମୋହନ ରାୟ ଆମ ଭାରତର ହୁଗୁଳି ଜିଲ୍ଲାରେ ୧୭୭୨ ମସିହାରେ ଜନ୍ମ ହୋଇଥିଲେ। ୧୮୩୩ ମସିହାରେ ସେ ପ୍ରାଣତ୍ୟାଗ କଲେ। ସେ ଦେଶ ଏବଂ ବିଦେଶର ବହୁତ ଗୁଡ଼ିଏ ଭାଷା ଜାଣିଥିଲେ। ସେ ସବୁ ଧର୍ମର ଧର୍ମଗ୍ରନ୍ଥ ପାଠ କରିଥିଲେ। ପ୍ରଥମେ ସେ ଇଷ୍ଟ୍ ଇଣ୍ଡିଆ କମ୍ପାନୀରେ ଚାକିରୀ କରିଥିଲେ। ମାତ୍ର ପରେ ଚାକିରୀ ଛାଡ଼ି ଦେଇ କେବଳ ସମାଜ ସଂସ୍କାର ଏବଂ ଲୋକଙ୍କ ସେବାରେ ମନ ଲଗାଇଲେ।

ସେ ବୁଝିଥିଲେ ଯେ ପୁରୁଣା କାଳିଆ ଶିକ୍ଷା ପଦ୍ଧତିଠାରୁ ଇଉରୋପୀୟ ପଦ୍ଧତିରେ ଶିକ୍ଷା ପାଇବା ଭଲ। ତେଣୁ ସେ ସମସ୍ତଙ୍କୁ ଆଧୁନିକ ପଦ୍ଧତିରେ ଶିକ୍ଷା ଗ୍ରହଣ ପାଇଁ ପ୍ରବର୍ତ୍ତାଇଲେ।

ରାଜା ରାମମୋହନ ରାୟ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ହିନ୍ଦୁ ଧର୍ମରେ ପଶି ରହିଥିବା ଅନେକ କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠାଇଲେ। ସେ "ବ୍ରାହ୍ମ ସମାଜ" ପ୍ରତିଷ୍ଠା କଲେ ଏବଂ ହିନ୍ଦୁ ଧର୍ମରେ ଥିବା କେତେକ କୁସଂସ୍କାର ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମଣିଷ, ଏହାହିଁ ଥିଲା ତାଙ୍କର ପ୍ରଧାନ ବକ୍ତବ୍ୟ।

Digitized by srujanika@gmail.com



Digitized by srujanika@gmail.com

ବୈଠକ ଜମି ଗଲାଣି

ସମୁଦ୍ର ବାଲିରେ ଶହଶହ ଛାତ୍ରଛାତ୍ରୀ ଏବଂ ତାଙ୍କର ଶିକ୍ଷକ ଶିକ୍ଷୟିତ୍ରୀମାନେ ବସି ପିଲାମାନଙ୍କର କଥା ଶୁଣୁଥାଆନ୍ତି। ଏହା ବ୍ୟତୀତ ସମୁଦ୍ର ବେଳାରେ ବୁଲୁଥିବା ଅନ୍ୟାନ୍ୟ କେତେକ ଲୋକ ଶ୍ରୋତାଙ୍କ ସହିତ ଯୋଗ ଦେଲେଣି। ଆସ୍ତେ ଆସ୍ତେ ବୈଠକ ଜମିବାରେ ଲାଗିଛି।

ଛାତ୍ର ଜଣକ ରାଜା ରାମମୋହନ ରାୟଙ୍କ ଆଦର୍ଶକୁ ଗ୍ରହଣ କରିଛି କହି ବସି ପଡିଛି। ଠିକ୍ ତା'ପରେ ପରେ ଜଣେ ଛାତ୍ରୀ ଠିଆ ହେଲେ। ସେ ତାଙ୍କ ଜୀବନରେ ଜଣେ ମହାନ୍ ବ୍ୟକ୍ତିଙ୍କର ଆଦର୍ଶକୁ ଗ୍ରହଣ କରିଛନ୍ତି ବୋଲି କହିଲେ। ତାଙ୍କ ବିଷୟରେ କିଛି କହିବାକୁ ଅନୁମତି ମାଗି ଆରମ୍ଭ କଲେ– ‘‘ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ମୋର ଗୁରୁଜନମାନେ !

ଉତ୍କଳମଣି ଗୋପବନ୍ଧୁ ଦାସ

ଗୋପବନ୍ଧୁ ଦାସ ଏଇ ପୁରୀ ଜିଲ୍ଲାରେ ଜନ୍ମ ହୋଇଥିଲେ। ଗରିବ ବ୍ରାହ୍ମଣ ଘରେ ତାଙ୍କର ଜନ୍ମ। ପିଲାଟି ଦିନରୁ ଦେଶ ସେବା ଥିଲା ତାଙ୍କର ପ୍ରଧାନ କାମ।

(୧)

ଏଇ ପୁରୀ ସହରର ଜିଲ୍ଲା ହାଇସ୍କୁଲରେ ଗୋପବନ୍ଧୁ ପଢୁଥାଆନ୍ତି। ସେତେବେଳେ ଏଇ ସହରର ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତି ଖରାପ ଥାଏ। ଭଲ ପିଇବା ପାଣି ନ ମିଳିବା ହେତୁ ବହୁ ଲୋକ ହଇଜା, ଟାଇଫଏଡ ଆଦି ରୋଗରେ ମରୁଥାନ୍ତି। ପୁରୀର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସେ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ। ଇଂରାଜୀ ଦୈନିକ ଖବର କାଗଜ ଷ୍ଟେଟ୍‌ସ୍‌ମ୍ୟାନ୍‌ରେ ସେ ଖବର ପ୍ରକାଶ ପାଇଲା। ତେଣୁ ପୁରୀର ଗୋରା ସିଭିଲ୍ ସର୍ଜନ ରାଗିଯାଇ ପୁରୀ ସହରର ସାମ୍ବାଦିକଙ୍କୁ ଡ଼କାଇଲେ। ସମସ୍ତଙ୍କ ସାମନାରେ ସାମ୍ବାଦିକଙ୍କୁ ବେତରେ ମାରିଲେ। ଏକଥା ସମସ୍ତଙ୍କୁ ବାଧିଲା। କିନ୍ତୁ ସେତେବେଳେ ଗୋରା ସାହେବଙ୍କ ଶାସନ। ଅନ୍ୟାୟର ପ୍ରତିବାଦ କରିବାକୁ କାହାର ସାହସ ନାହିଁ। ସମସ୍ତେ ଅନ୍ୟାୟକୁ ମୁଣ୍ଡ ପାତି ସହି ନେଉଥାଆନ୍ତି। କିନ୍ତୁ ଗୋପବନ୍ଧୁ ସାହସର ସହିତ ଯାଇ କୋର୍ଟରେ ଗୋରା ସିଭିଲ୍ ସର୍ଜନଙ୍କ ନାମରେ ମକଦ୍ଦମା କଲେ।

ପରେ ସିଭିଲ ସର୍ଜନ ଆସି ମାଡ଼ ମାରିଥିବା ସାମ୍ବାଦିକଙ୍କୁ କ୍ଷମା ମାଗିଲେ। ତେଣୁ ଗୋପବନ୍ଧୁ ମକଦ୍ଦମା ଉଠାଇ ଆଣିଲେ। ଏହାପରଠାରୁ ସିଭିଲ ସର୍ଜନ ସହରର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଖୁବ୍ ଧ୍ୟାନ ଦେଲେ। ଏହାଦ୍ୱାରା କେବଳ ପୁରୀର ସହରବାସୀ ନୁହନ୍ତି ଆମ ପରି ବହୁ ଦେଶ ବିଦେଶରୁ ପୁରୀକୁ ଆସୁଥିବା ଯାତ୍ରୀଙ୍କର ଜୀବନ ରକ୍ଷା ହୋଇପାରିଲା।

ଗୋପବନ୍ଧୁଙ୍କ ଜୀବନ ଅତି ଦୁଃଖମୟ ଥିଲା। କିନ୍ତୁ ସେ ଜନସାଧାରଣଙ୍କ ଉପକାର କରିବାକୁ ଯାଇ ସବୁ ଦୁଃଖକୁ ଭୁଲି ଯାଉଥିଲେ।

Digitized by srujanika@gmail.com

ବନ୍ୟା ଘେରରେ ଥିବା ଲୋକମାନଙ୍କୁ ଗୋପବନ୍ଧୁଙ୍କର ସାହାଯ୍ୟ

ବନ ବିଦ୍ୟାଳୟ...।

Digitized by srujanika@gmail.com

(୨)

ଥରେ ଓଡ଼ିଶାରେ ପ୍ରଳୟଙ୍କରୀ ବନ୍ୟା ହୋଇଥାଏ। ନାନା ଆଡ଼େ ଘାଇ ଭାଙ୍ଗି ଯାଇଥାଏ। ବନ୍ୟା ଜଳରେ ଘରଦ୍ୱାର ଭାସି ଯାଇଥାଏ। ଅନେକ ମଣିଷ ଏବଂ ଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ଭାସି ଯାଇଥାନ୍ତି। ଯେ ବା ବଞ୍ଚି ଥାଆନ୍ତି ସେମାନେ ଓପାସରେ ଜଳ ଘେରରେ ରହି ବିକଳରେ କାନ୍ଦୁଥାଆନ୍ତି। ସରକାରୀ ସାହାଯ୍ୟ କିଛି ତାଙ୍କ ପାଖରେ ପହଞ୍ଚି ପାରୁ ନଥାଏ। ଏହି ସମୟରେ ଘରେ ତାଙ୍କର ଏକମାତ୍ର ପୁଅକୁ ଭୀଷଣ ଜର ହୋଇଥାଏ। ଏ ଖବର ପାଇ ଗୋପବନ୍ଧୁ ବିଚାର କଲେ ମୁଁ ଯଦି ଆଜି ମୋର ଗୋଟିଏ ପୁଅ କଥା ବୁଝିବାକୁ ଯିବି, ତେବେ ବନ୍ୟା ଘେରରେ ରହି ଉପବାସରେ ବିକଳ ହେଉଥିବା ହଜାର ହଜାର ନିରାଶ୍ରୟ ବ୍ୟକ୍ତିଙ୍କର ସେବା କରିପାରିବି ନାହିଁ। ତେଣୁ ସେ ଚୂଡ଼ା, ଚାଉଳ ଧରି ନିଜର ସହଯୋଗୀମାନଙ୍କ ସହିତ ବନ୍ୟା ଅଞ୍ଚଳକୁ ଚାଲିଗଲେ। ଡଙ୍ଗାରେ ଯାଇ ଅସହାୟ ଲୋକଙ୍କୁ ଉଦ୍ଧାର କଲେ। ଚୂଡ଼ା, ଚାଉଳ ବାଣ୍ଟିଲେ।

କିଛିଦିନ ପରେ ବନ୍ୟା ଛାଡ଼ିଗଲା। ସେ ବନ୍ୟା ଅଞ୍ଚଳରୁ ଫେରି ଆସିଲେ। ଶୁଣିଲେ ତାଙ୍କର ସେହି ଏକମାତ୍ର ଶିଶୁ ପୁତ୍ରଟି ମରିଯାଇଛି। ମନରେ ବହୁତ ଦୁଃଖ ହେଲା। ମାତ୍ର ସେ ସେହି ଦୁଃଖକୁ ଅତି ଧୈର୍ଯ୍ୟର ସହିତ ସହ୍ୟ କରିନେଲେ। ମନର ଦୁଃଖକୁ ବିବେକର ବିଚାର ଦ୍ୱାରା ଶାନ୍ତି କରାଇଲେ। ହଜାର ହଜାର ଦୁଃଖୀଙ୍କ ଜୀବନ ପାଖରେ ନିଜ ପୁଅର ଜୀବନଟି କ'ଣ ବଡ଼? ଏପରି ଭାବି ଦୁଃଖଭରା ମନକୁ ଶାନ୍ତି ଦେଲେ।

ତେଣୁ ଏପରି ହୃଦୟବାନ ବ୍ୟକ୍ତିଙ୍କୁ ମୁଁ ମୋ ଜୀବନର ଆଦର୍ଶ ଗୁରୁ ବୋଲି ଗ୍ରହଣ କରିଛି। ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଛାଡ଼ିବି। ଜନସାଧାରଣଙ୍କ ସ୍ୱାର୍ଥପାଇଁ କାମ କରିବି। କେହି ଦୁଃଖ କଷ୍ଟରେ ଥିଲେ ମୋର ପାରୁପର୍ଯ୍ୟନ୍ତ ତାଙ୍କୁ ସାହାଯ୍ୟ କରିବି। ତାଙ୍କରି ସେବା କରିବି।

(୩)

ଗୋପବନ୍ଧୁଙ୍କର ଦେଶ ପ୍ରୀତି ମଧ୍ୟ ମୋତେ ପ୍ରଭାବିତ କରିଛି। ଗୋପବନ୍ଧୁ ଦାସ କେତେଜଣ ସାଙ୍ଗଙ୍କୁ ନେଇ ପୁରୀ ଜିଲ୍ଲାର ସତ୍ୟବାଦୀଠାରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ଖୋଲିଲେ। ସେ ବିଦ୍ୟାଳୟରେ ପାଠପଢ଼ା ତ ହେଉଥାଏ। କିନ୍ତୁ ଛାତ୍ରଛାତ୍ରୀମାନେ କିପରି ଜାତି, ଧର୍ମ, ବର୍ଣ୍ଣ ଭାବ ମନରୁ ଛାଡ଼ିବେ ସେଥିପାଇଁ ଶିକ୍ଷା ଦେଲେ। ଛାତ୍ରଛାତ୍ରୀଙ୍କ ମନରେ ପରାଧୀନତାରୁ ମୁକ୍ତି ଏବଂ ଦେଶପ୍ରୀତି ଭାବନା ଜାଗ୍ରତ କରାଇଲେ।

କେତେକ ରକ୍ଷଣଶୀଳ ଲୋକ ଏପରି ଆଦର୍ଶକୁ ସହି ପାରିଲେ ନାହିଁ। ଦିନେ ରାତିରେ ଯେଉଁ ଚାଳଘରେ ସ୍କୁଲ ବସୁଥିଲା ତାକୁ ନିଆଁ ଲଗାଇ ପୋଡ଼ିଦେଲେ। ଗୋପବନ୍ଧୁ ତଥାପି ଭାଙ୍ଗି ପଡ଼ି ନଥିଲେ। ସତ୍ୟବାଦୀ ନିକଟରେ ଥିବା ବଉଳ ବଣର ଗଛ ଛାଇରେ ପିଲାଙ୍କୁ ବସାଇ ପାଠ ପଢ଼ାଇଲେ। ସେହି ବିଦ୍ୟାଳୟର ନାମ ଦେଲେ 'ବନ ବିଦ୍ୟାଳୟ'। ଆଦର୍ଶ ଶିକ୍ଷାଦାନ ଯୋଗୁ ଏହା ସାରା ଭାରତବାସୀଙ୍କ ଦୃଷ୍ଟି ଆକର୍ଷଣ କଲା।

Digitized by srujanika@gmail.com

ସେହି ବନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରେ ସ୍ୱାଧୀନତା ସଂଗ୍ରାମୀ ହୋଇ ବାହାରିଲେ।

ମୁଁ ଆଜି ସେହି ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ଆଦର୍ଶରେ ଅନୁପ୍ରାଣିତ। ଦେଶ ସେବା ପାଇଁ ଜୀବନକୁ ଉତ୍ସର୍ଗ କରିବି।

ଗୋପବନ୍ଧୁଙ୍କର ଆହୁରି ବହୁତ ଭଲ ଗୁଣ ଥିଲା। ଯେତେଦୂର ସମ୍ଭବ ମୁଁ ତାଙ୍କରି ଆଦର୍ଶକୁ ଜୀବନର ବ୍ରତ ରୂପେ ପାଳନ କରିବି।

ସେ ଜଣେ ଅତି ଉଚ୍ଚକୋଟୀର କବି ଥିଲେ। ତାଙ୍କ କବିତାର ନିମ୍ନ ଅନୁଚ୍ଛେଦଟି କେବଳ ମୋର ନୁହେଁ ସାରା ଜଗତବାସୀଙ୍କ ହୃଦୟକୁ ସ୍ପର୍ଶ କରିଛି।

ମାନବ ଜୀବନ ନୁହଇ କେବଳ
ବର୍ଷ, ମାସ, ଦିନ ଦଣ୍ଡ,
କର୍ମେ ଜୀଏଁ ନର; କର୍ମ ଏକା ତାର,
ଜୀବନର ମାନଦଣ୍ଡ।

ଉତ୍କଳମଣି ଗୋପବନ୍ଧୁ ଦାସ

ସୂଚନା: ଉତ୍କଳମଣି ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ। ତାଙ୍କ ପିତାଙ୍କ ନାମ ଦୈତାରି ଦାସ ଏବଂ ମାତାଙ୍କ ନାମ ସ୍ୱର୍ଣ୍ଣମୟୀ।

ଗୋପବନ୍ଧୁ ପିଲାଦିନରୁ ଟିକିଏ ଖନା ଥିଲେ। ତେଣୁ ସେ ସଂସ୍କୃତ ଏବଂ ଇଂରାଜୀ ଠିକ୍ ରୂପେ ଉଚ୍ଚାରଣ କରିପାରୁ ନଥିଲେ। ମାତ୍ର ସେ ଅକ୍ଲାନ୍ତ ପରିଶ୍ରମ କରି ସଠିକ୍ ଭାବେ ଉଚ୍ଚାରଣ କରିବାକୁ ଅଭ୍ୟାସ କଲେ। ଏପରି କରୁ କରୁ କିଛିଦିନ ପରେ ସ୍ପଷ୍ଟ ଉଚ୍ଚାରଣ କରିପାରିଲେ।

ପିଲାଦିନରୁ ଦେଶପ୍ରୀତି ଏବଂ ଅସହାୟର ସେବା ପ୍ରତି ତାଙ୍କର ଖୁବ୍ ଆଗ୍ରହ ଥିଲା। ସେ ନିଜେ ସମସ୍ତ ଦୁଃଖକଷ୍ଟକୁ ସହି ନେଇ ଅନ୍ୟର ଦୁଃଖ କିପରି ଦୂର ହେବ ସେଥିପ୍ରତି ଯତ୍ନବାନ ହେଉଥିଲେ।

ସେ କଟକସ୍ଥ ରେଭେନ୍ସା କଲେଜରୁ ବି.ଏ. ପାଶ୍ କରିଥିଲେ। ବୟସ ବଢ଼ିବା ସହିତ ତାଙ୍କ ହୃଦୟରେ ଦୟା, କ୍ଷମା, ସହନଶୀଳତା ଆଦି ମାନବିକ ଗୁଣ ଗୁଡ଼ିକର ବିକାଶ ଘଟିଲା। ସେ ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ସମୟରେ ନିଜେ ଯାଇ ଗାଁ ଗହଳିରେ ପହଞ୍ଚି ଯାଉଥିଲେ। କାହାର ଖାଦ୍ୟ, କାହାର ଲୁଗା କାହାର ଔଷଧ ଦରକାର ତା ବୁଝି ଯୋଗାଇ ଦେଉଥିଲେ। ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନ ଗଢି ଦେଶ ସେବାଠାରୁ ଆରମ୍ଭ କରି ଜନସେବା ଯାଏ ସବୁପ୍ରକାର ସେବା କାର୍ଯ୍ୟରେ ନିଜକୁ ସାମିଲ କରିଦେଲେ।

ସେ ଶିକ୍ଷକତା କରିଛନ୍ତି, ଓକିଲାତି କରିଛନ୍ତି। ତା'ସହିତ ଜନସେବା ଓ ଦେଶସେବା ପାଇଁ ପ୍ରାଣପଣେ କାର୍ଯ୍ୟ କରିଛନ୍ତି। ସେ କେବଳ ଲେଖକ, ଓକିଲ, ରାଜନୀତିଜ୍ଞ ନୁହନ୍ତି; ସେ ଥିଲେ ଜଣେ ଉଚ୍ଚକୋଟିର କବି ମଧ୍ୟ। ସ୍ୱାଧୀନତା ଆନ୍ଦୋଳନରେ ଜେଲ ଭୋଗିଛନ୍ତି। ବଢି ଅଞ୍ଚଳର ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ଏଣେ ରୋଗଗ୍ରସ୍ତ ଏକମାତ୍ର ଶିଶୁପୁତ୍ରର ଯତ୍ନ ନେଇ ନପାରିବାରୁ ତାକୁ ହରାଇଛନ୍ତି। ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ଜଣେ ଅତି ଉଚ୍ଚକୋଟୀର ସାମ୍ବାଦିକ ରୂପେ ପ୍ରତିଷ୍ଠିତ ହୋଇଛନ୍ତି। ତାଙ୍କଦ୍ୱାରା ପ୍ରତିଷ୍ଠିତ ଦୈନିକ 'ସମାଜ' ହେଉଛି ଓଡ଼ିଶାର ସବୁଠାରୁ ଅଧିକ ବିକ୍ରି ହେଉଥିବା ଦୈନିକ ଓଡ଼ିଆ ଖବର କାଗଜ। ଏବେ ମଧ୍ୟ 'ସମାଜ' ତାର ପୂର୍ବଗୌରବ ବଜାୟ ରଖିଛି। ସେ ଥିଲେ ବହୁ ପ୍ରତିଭାର ଅଧିକାରୀ।

ତେଣୁ ଲୋକେ ତାଙ୍କୁ 'ଉତ୍କଳର ମଣି' ବୋଲି କହନ୍ତି। ସେ ହେଉଛନ୍ତି 'ଉତ୍କଳମଣି' ଗୋପବନ୍ଧୁ ଦାସ।

୧୯୨୮ ମସିହା ଜୁନ ୧୭ ତାରିଖରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ ଚିରଦିନ ପାଇଁ ଇହଧାମରୁ ବିଦାୟ ନେଇଥିଲେ।

Digitized by srujanika@gmail.com

ଏଇପରି ଆଲୋଚନା ଚାଲିବା ଭିତରେ ବହୁ ସମୟ ବିତି ଯାଇଥିଲା। ତେଣୁ ଜଣେ ମାଡାମ ପ୍ରସ୍ତାବ ଦେଲେ, 'ବହୁତ ବେଳ ହୋଇଗଲାଣି। ଚାଲ ବୈଠକ ଭାଙ୍ଗିବା।'

କିନ୍ତୁ ରଶ୍ମିଲତା ନାମରେ ଜଣେ ଛାତ୍ରୀ ଉଠିପଡ଼ି କହିଲେ – ''ମୋତେ ପାଞ୍ଚମିନିଟ୍ ସମୟ ଦିଅନ୍ତୁ। ମୁଁ ଯେଉଁ ମହାପୁରୁଷଙ୍କ ଦ୍ୱାରା ପ୍ରଭାବିତ ହୋଇଛି ତାଙ୍କ ବିଷୟରେ ସାମାନ୍ୟ କିଛି କହିବି।''

ଉପସ୍ଥିତ ଛାତ୍ରଛାତ୍ରୀମାନେ ମଧ୍ୟ ରଶ୍ମିଲତା କିଛି କୁହନ୍ତୁ ବୋଲି ଅନୁରୋଧ କଲେ। ରଶ୍ମୀଲତା ଠିଆ ହୋଇ ଜାତିର ପିତା ମହାତ୍ମାଗାନ୍ଧିଙ୍କ ଜୀବନର ଗୋଟିଏ ଘଟଣା ଶୁଣାଇଲେ।

ଦୁନିଆରେ ଯଦି ହୋଇବ ବଡ଼,
ଗର୍ବ, ଅହଂକାର ମନରୁ ଛାଡ଼॥
ଛୋଟ-ବଡ଼, ଉଚ୍ଚ-ନୀଚ, ଜାତି-ଅଜାତି,
ହୃଦୟରୁ ଦୂର ହେଲେ ଆସଇ ଶାନ୍ତି॥

ଜାତିର ପିତା ମହାତ୍ମା ଗାନ୍ଧି ସମସ୍ତଙ୍କ ଅଇଁଠା ବାସନ ମାଜିଲେ

ଗାନ୍ଧିଜୀ ସବୁବେଳେ ଆଶ୍ରମରେ ରହୁଥିଲେ। ସଂଧ୍ୟାହେଲେ ପ୍ରାର୍ଥନା ସଭାରେ ଯୋଗ ଦେଉଥିଲେ। ତାଙ୍କର ପ୍ରାର୍ଥନା ସଭାରେ ପ୍ରତିଦିନ ପ୍ରାର୍ଥନା ତ ହୁଏ। ତା'ଛଡ଼ା କିଛିନା କିଛି ନୂଆ ଶିକ୍ଷା ସେଠାରୁ ମିଳିଥାଏ। ତେଣୁ ସମସ୍ତ ଆଶ୍ରମବାସୀ ପ୍ରାର୍ଥନା ସଭାରେ ଯୋଗ ଦିଅନ୍ତି। ଏହାଛଡ଼ା ସର୍ବସାଧାରଣ ମଧ୍ୟ ବହୁ ସଂଖ୍ୟାରେ ଆସି ସଂଧ୍ୟାରେ ତାଙ୍କର ବାର୍ତ୍ତା ଶୁଣିବାକୁ ପ୍ରାର୍ଥନା ସଭାରେ ଯୋଗ ଦିଅନ୍ତି।

ଦିନେ ପ୍ରାର୍ଥନା ଶେଷରେ ଗାନ୍ଧିଜୀ କହିଲେ – ''ଆସନ୍ତା କାଲିଠାରୁ ଆଶ୍ରମର ସମୂହ ଭୋଜନ ଶେଷରେ ନିଜେ ନିଜର ଅଇଁଠା ବାସନ କେହି ମାଜିବେ ନାହିଁ। ପ୍ରତିଦିନ ପାଳି କରି ଜଣେ ଜଣେ ଲୋକ ସମସ୍ତଙ୍କର ବାସନ ମାଜିବେ। କାରଣ –

ଏହାଦ୍ୱାରା ବହୁତ ସମୟ ବଞ୍ଚିବ। କାହାରି କାହାପ୍ରତି ଘୃଣାଭାବ ରହିବ ନାହିଁ। କାହା ମନରେ ଯଦି ସେ ବଡ଼ ଲୋକ କିମ୍ବା ଉଚ୍ଚ ଜାତି ବୋଲି ଗର୍ବ ଆସୁଥାଏ ତେବେ ସେ ପ୍ରକାର ବିକାର ମନରୁ ଦୂରେଇ ଯିବ। ପ୍ରତ୍ୟେକ ଅନ୍ତରର ସହିତ ଅନ୍ୟକୁ ଭଲ ପାଇବେ ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ନିଜର କୁଟୁମ୍ବର ଲୋକ ବୋଲି ବିଚାରିବେ। ନିଜର ଏହି ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକଙ୍କ ମନରେ ଶାନ୍ତି ଉପୁଜିବ ଏବଂ ନିଜ ଭିତରେ ଥିବା ଗର୍ବ, ଘୃଣାଭାବ, ଅସହନଶୀଳତା ଦୂର ହୋଇଯିବ। ତା ବଦଳରେ ଆସିବ ଭ୍ରାତୃଭାବ, ଏକତା ଏବଂ ପରସ୍ପର ମଧ୍ୟରେ ସହନଶୀଳତା।''

ପରଦିନ ସମୂହଭୋଜନ ସରିଲା। ଗାନ୍ଧିଜୀଙ୍କ ଆଦେଶ ଅନୁସାରେ ସମସ୍ତେ ଅଇଁଠା ବାସନଗୁଡ଼ିକୁ ନ ମାଜି ନେଇ ବାସନମଜା ଜାଗାରେ ଜୁଣ୍ଡ କଲେ।

କିଛି ସମୟ ପରେ ଦେଖାଗଲା ନିଜେ ଗାନ୍ଧିଜୀ ଯାଇ ସମସ୍ତଙ୍କ ଅଇଁଠା ବାସନ ସଫା କରୁ ଅଛନ୍ତି। ଏକଥା ଦେଖି ସମସ୍ତେ

Digitized by srujanika@gmail.com

ଗାନ୍ଧିଜୀଙ୍କ ବାସନ ମଜା

Digitized by srujanika@gmail.com

ଅବାକ୍ ହୋଇଗଲେ। ତାଙ୍କ ପାଖକୁ ଯାଇ ବାରଣ କରିବାର ସାହସ କାହାରି ନଥିଲା।

ସେତେବେଳେ ପଣ୍ଡିତ ଜବାହାର ଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ ଓଗେର ବହୁ ବିଶିଷ୍ଟ ନେତା ମଧ୍ୟ ଆଶ୍ରମରେ ରହୁଥାନ୍ତି। ସେମାନେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ମାତ୍ର ଗାନ୍ଧିଜୀ କହିଲେ "ଆଜି ମୋ ପାଳି। ମୁଁ ସବୁତକ ଅଇଁଠା ବାସନ ଆଜି ନିଜେ ମାଜିବି।" ଗାନ୍ଧିଜୀଙ୍କ ସ୍ତ୍ରୀ କସ୍ତୁରବା ଯାଇ ସ୍ୱାମୀଙ୍କ ପାଖରେ ପହଞ୍ଚିଲେ। କହିଲେ ଏଇଟା ସ୍ତ୍ରୀଲୋକ ମାନଙ୍କର କାମ। ତା'ଛଡ଼ା ମୁଁ ତୁମର ସବୁ କାମରେ ଅଧା ଭାଗିଦାର। ତେଣୁ ମୋତେ ବାସନ ମାଜିବାକୁ ଦିଅ।"

ଗାନ୍ଧିଜୀ ତାଙ୍କୁ ମଧ୍ୟ ବାରଣ କଲେ। କହିଲେ "କାମ ଭିତରେ ସବୁ କାମ ସମାନ। ମେହେନ୍ତରର କାମ ଛୋଟ ନୁହେଁ କି ବ୍ରାହ୍ମଣର କାମ ବଡ଼ ନୁହେଁ। କୌଣସି କାମ ନିର୍ଦ୍ଦିଷ୍ଟ ଭାବେ ପୁରୁଷ ଏବଂ ନିର୍ଦ୍ଦିଷ୍ଟ ଭାବେ ନାରୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ମୋର ଆଜି ବାସନ ମାଜିବା ପାଳି। ତେଣୁ ମୁଁ ଆଜି କାହାରିକୁ ବାସନ ସଫା କରିବାକୁ ଦେଇ ପାରିବି ନାହିଁ।" ଏହା କହି ଗାନ୍ଧିଜୀ ସବୁତକ ଅଇଁଠା ବାସନ ଭଲ ଭାବରେ ସଫାକରି ଦେଲେ।

ଗାନ୍ଧିଜୀଙ୍କର ଏଇ କର୍ମ ଦେଖି ଆଶ୍ରମବାସୀ ସମସ୍ତଙ୍କ ହୃଦୟରୁ, ସମସ୍ତଙ୍କ ମନରୁ ଯାବତୀୟ ଅହଙ୍କାର, ଉଚ୍ଚନୀଚ, ବଡସାନ ଭାବ ସତେ ଯେପରି ମାଜି ସଫା ହୋଇଯାଇଥିଲା।

ତା'ପରଦିନ ଠାରୁ ନେହେରୁ, ପଟେଲ, ରାଜେନ୍ଦ୍ର ପ୍ରସାଦ ଓଗେର ଜଣ ଜଣ କରି ପ୍ରତିଦିନ ସମସ୍ତଙ୍କ ଅଇଁଠା ବାସନ ସଫା କରି ଚାଲିଲେ।

ଦିନ ଗଡ଼ିଗଲା। ଏଇ ନେତାମାନଙ୍କର ହୃଦୟ ଏପରି ନିର୍ମଳ ହୋଇଯାଇଥିଲା ଯେ ସେମାନେ ଜୀବନରେ ବହୁ ଦୁଃଖ, କଷ୍ଟ ସହି ଅହିଂସା ନୀତିରେ ସ୍ୱାଧୀନତା ଆନ୍ଦୋଳନ କଲେ। ଦେଶ ସ୍ୱାଧୀନ ହେଲା। ରାଜେନ୍ଦ୍ରପ୍ରସାଦ ହେଲେ ଏ ଦେଶର ପ୍ରଥମ ରାଷ୍ଟ୍ରପତି। ପଣ୍ଡିତ ଜବାହାରଲାଲ ନେହେରୁ ହେଲେ ଏ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହେଲେ ଏ ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ। ରଶ୍ମିଲତା ଏତିକି କହି ବସି ପଡ଼ିଲେ।

ଗୁରୁଜୀ କହିଲେ – "ପିଲାମାନେ ଆଜି ତ ବହୁତ ବିଷୟରେ କଥାବାର୍ତ୍ତା ହେଲା। ତା'ହେଲେ ଆମେ ଆଜି କ'ଣ ଶିଖିଲେ ଏବଂ ଭବିଷ୍ୟତ ଜୀବନରେ ଆମେମାନେ କ'ଣ କରିବା ସେ ବିଷୟରେ ଆମ ସହିତ ଆସିଥିବା ରେଣୁକା ମାଡାମ୍ ଆମମାନଙ୍କୁ ସଂକ୍ଷେପରେ ବୁଝାଇ କୁହନ୍ତୁ।"

ଆମେ ଆଜି କଅଣ ଶିଖିଲେ

ରେଣୁକା ମାଡାମ୍ କହିବାକୁ ଆରମ୍ଭ କଲେ –

ମୋର ଶିକ୍ଷକ ଶିକ୍ଷୟିତ୍ରୀ ବନ୍ଧୁ ଏବଂ ପ୍ରିୟ ଛାତ୍ରଛାତ୍ରୀବୃନ୍ଦ –

ଆମେ ଆଜିର ଆଲୋଚନାରୁ ଯା ଯା ଶିଖିଲେ ତା ହେଲା –

Digitized by srujanika@gmail.com

(୧) ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ବୁଝି, ବିଚାରି, ମନ ସ୍ଥିର କରି କରିବା।

(୨) କୌଣସି ଭଲ କାମ କରିବା ସମୟରେ ଅନେକ ଶତ୍ରୁ ବାହାରିବେ। ମାତ୍ର ତାକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା ଏବଂ ମାନ ଅପମାନକୁ ସହିଯିବା ପାଇଁ ମନର ବଳ ବଢ଼ାଇବା।

(୩) ପରସ୍ପର ମଧ୍ୟରେ ଏବଂ ସମାଜରେ ଶାନ୍ତି ଆଣିବାକୁ ହେଲେ ପ୍ରଥମେ ବିବେକାନନ୍ଦଙ୍କ ପରି ଆମେ ଗରିବ, ଦରିଦ୍ର ଏବଂ ଅବହେଳିତ ଲୋକଙ୍କ ଉନ୍ନତି ପାଇଁ ପ୍ରାଣପଣେ ଚେଷ୍ଟା କରିବା। ଦରିଦ୍ର ଓ ଗରିବ ସେବା ହେଉଛି ପ୍ରକୃତ ଈଶ୍ୱର ସେବା।

(୪) ପ୍ରତ୍ୟେକ ଜୀବଠାରେ ଦୟା ପ୍ରଦର୍ଶନ କରିବା। ଦୋଷୀ ପ୍ରତି ବା ଶତ୍ରୁପ୍ରତି କ୍ରୋଧ ପ୍ରକାଶ ନକରି ତାକୁ ବୁଝାଇ ସୁଝାଇ ଭଲ ବାଟକୁ ଆଣିବା।

(୫) ଏକା ସମାଜରେ ଥାଇ କିଏ ବଡ଼ କିଏ ଛୋଟ ଏ ଭାବ ଆଣିବା ନାହିଁ। ସମାଜରେ ପୁଅ, ଝିଅ, କଳା, ଗୋରା, ଜାତି, ଧର୍ମ ମଧ୍ୟରେ କୌଣସି ଭେଦଭାବ ବା ଘୃଣାଭାବ ଯେପରି ନଆସେ ସେଥିପ୍ରତି ଦୃଷ୍ଟି ଦେବା। କାରଣ ସମସ୍ତେ ଏକ ଈଶ୍ୱରଙ୍କ ସୃଷ୍ଟି ଓ ମାଟି ମାଆର ସନ୍ତାନ ସନ୍ତତି।

(୬) ଆମେ ଯେକୌଣସି ଭାଷାଭାଷୀ ବା ଯେକୌଣସି ସଂପ୍ରଦାୟର ଲୋକ ହେଲେ ମଧ୍ୟ ଅନ୍ୟ ଭାଷାଭାଷୀ, ଅନ୍ୟ ଅଞ୍ଚଳର ଲୋକଙ୍କୁ ଏବଂ ଅନ୍ୟ ସଂପ୍ରଦାୟର ଲୋକଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା।

(୭) ଆମେ ଅନ୍ୟଠାରୁ ଯେପରି ବ୍ୟବହାର ଆଶା କରୁ ସେମାନଙ୍କୁ ସେହିପରି ବ୍ୟବହାର ଓ ସମ୍ମାନ ଦେବାକୁ ଭୁଲିବା ନାହିଁ।

(୮) ମନ ଓ ହୃଦୟରେ କାହା ପ୍ରତି ରାଗ, ଦ୍ୱେଷ ବା ଶତ୍ରୁଭାବ ରଖିବା ନାହିଁ। ବରଂ ଦୋଷୀକୁ କ୍ଷମା ଦେବା।

(୯) କହିବା ଲୋକଠାରୁ ସହିବା ଲୋକ ହେଉଛି ବଡ଼। ସେହିପରି ସମାଜରେ ଅଶାନ୍ତି ସୃଷ୍ଟି କରୁଥିବା ଲୋକଠାରୁ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଥିବା ଲୋକମାନେ ବଡ଼। ତେଣୁ ନିଜ ଭିତରେ ସହିବାର ଶକ୍ତି ବଢାଇବା ଏବଂ ସର୍ବଦା ଶାନ୍ତିକାମୀ ହେବା।

(୧୦) ବିଦ୍ୟା, ଜ୍ଞାନ, ଗୁଣ ପାଖରେ ପୁରୁଷ-ନାରୀ, ଧଳା-କଳା, ସ୍ୱଧର୍ମ-ପରଧର୍ମ, ଗରିବ-ଧନୀ ଏପରି ଭେଦାଭେଦ ନାହିଁ।

(୧୧) ସଦାସର୍ବଦା ଶାନ୍ତି, ମୈତ୍ରୀ, ଧୈର୍ଯ୍ୟ ଏବଂ ମାନବିକତାକୁ ନିଜ ଜୀବନର ମୁଖ୍ୟ କର୍ମ ବୋଲି ବିଚାରିବା।

(୧୨) କର୍ତ୍ତବ୍ୟ ପରାୟଣ ହେବା। କର୍ତ୍ତବ୍ୟ କଲାବେଳେ କୌଣସି କାର୍ଯ୍ୟକୁ ଛୋଟ ବା ଘୃଣାର କାର୍ଯ୍ୟ ବୋଲି ବିଚାରିବା ନାହିଁ।

ବୈଠକ ସରିବା ଆଗରୁ ଜଣେ ସାର ଉଠି ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ। ସଭା ଭାଙ୍ଗିଲା। ଯେ ଯା ଇଚ୍ଛାରେ ଚାଲିଗଲେ।

Digitized by srujanika@gmail.com

ଶାନ୍ତି ଓ ସହନଶୀଳତା ପାଇଁ ଶପଥ

Digitized by srujanika@gmail.com

ସମୁଦ୍ର ବେଳାରେ ଦିନଟିଏ

ଉଦ୍ଦେଶ୍ୟ — ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ମନରେ ଶାନ୍ତି ଓ ସହନଶୀଳତା (Peace and Tolorance) ଭାବର ଜାଗ୍ରତ କରାଇବା ଏଇ ଲେଖାର ପ୍ରଧାନ ଉଦ୍ଦେଶ୍ୟ।

ଲେଖା ପ୍ରଣାଳୀ — ଭାରତର ସୁପ୍ରସିଦ୍ଧ ଭ୍ରମଣସ୍ଥଳୀମାନଙ୍କ ମଧ୍ୟରୁ ଓଡ଼ିଶା ରାଜ୍ୟର ପୁରୀ ସହରଟି ହେଉଛି ସର୍ବପ୍ରଧାନ। ଏହି ସହରଟି ଶାନ୍ତ-ସୁଦୀର୍ଘ ସମୁଦ୍ରବେଳାରେ ଅବସ୍ଥିତ। ଏପରି ଶାନ୍ତ ସୁଦୀର୍ଘ ସମୁଦ୍ରବେଳାଟିଏ ସାରା ପୃଥିବୀରେ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାକାର ଜଳବାୟୁ ପ୍ରାୟ ସମଶୀତୋଷ୍ଣ। ଏହାଛଡା ଏଠାରେ ଶ୍ରୀଜଗନ୍ନାଙ୍କ ମନ୍ଦିର ଅବସ୍ଥିତ। ଜଗନ୍ନାଥ ସଂସ୍କୃତି କେବଳ କୌଣସି ଏକ ନିର୍ଦ୍ଦିଷ୍ଟ ଜାତି ବା ଧର୍ମ ଅଥବା ସମ୍ପ୍ରଦାୟର ଏକଚାଟିଆ ନୁହେଁ। ତାଙ୍କର ଆଦର୍ଶକୁ ବହୁ ଭାବରେ ଆଜି ପୃଥିବୀବାସୀ ଗ୍ରହଣ କରିଅଛନ୍ତି। ତେଣୁ ଏଠାକୁ ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ସବୁ ଧର୍ମ ଓ ସଂପ୍ରଦାୟର ଲୋକେ ଭ୍ରମଣ ଉଦ୍ଦେଶ୍ୟରେ ଆସିଥାନ୍ତି।

ସେହିପରି ଗୋଟିଏ ଦିନ। ସମୁଦ୍ର ବେଳାରେ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିବା ଭାରତର ନାନାଦି ଧର୍ମ ଓ ମତବାଦ ଛାତ୍ରଛାତ୍ରୀଙ୍କର ଭେଟ ହୋଇଛି। ପରସ୍ପର ମଧ୍ୟରେ ନାନାଦି ଆଲୋଚନା ହୋଇଛି। ସେହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍ ଆଦି ନାନାଦି ସମ୍ପ୍ରଦାୟର ଛାତ୍ରଛାତ୍ରୀ ନିଜ ନିଜର ଅଭିଳାଷ ବର୍ଣ୍ଣନା କରିଛନ୍ତି ସେହି ସମୁଦ୍ର ବେଳା ବୈଠକରେ।

ବିଷୟବସ୍ତୁ —

(୧) ସବୁ ମଣିଷଙ୍କର ଗୋଟିଏ ଧର୍ମ : ତା'ହେଉଛି ''ମାନବ ଧର୍ମ''।

(୨) ଜଗନ୍ନାଥ ସଂସ୍କୃତିଟି ସାରା ଜଗତବାସୀଙ୍କୁ ଆକୃଷ୍ଟ କରିପାରିଛି। ତା'ହେଲା ବାସ୍ତବରେ ରୋଷେଇ-ପ୍ରେସର କୁକର୍ ଏବଂ ବଟୁଆ ବା vanity bag.

(୩) ଜ୍ଞାନ ଓ ବିଜ୍ଞାନ ପାଖରେ ଜାତି ଓ ଧର୍ମର ସ୍ଥାନ ନାହିଁ।

(୪) ସମସ୍ତେ ହେଉଛନ୍ତି ମଣିଷ ଜାତି।

(୫) ମନ୍ଦିର, ଗୀର୍ଜା, ମସ୍‌ଜିଦ୍, ଗୁରୁଦ୍ୱାର — ଏ ସବୁ ହେଉଛି ମଣିଷର 'ପ୍ରାର୍ଥନା ସ୍ଥଳୀ'।

(୬) ଆମେ ପୃଥିବୀବାସୀ ସମସ୍ତେ ଗୋଟିଏ ପରିବାରର ସଦସ୍ୟ।

(୭) ୧୨ଟି ବିଷୟ ଉପରେ ଶପଥ ଗ୍ରହଣ।

ପ୍ରାମାଣିକ ବିଷୟବସ୍ତୁ — କେତେକ ସତ୍ୟ ଘଟଣା ଏଥିରେ ବର୍ଣ୍ଣନା କରାଯାଇଛି। ସେହି ଘଟଣାରୁ ପିଲାମାନେ ଅହିଂସା, ଦୟା, କ୍ଷମା, ଶାନ୍ତି, ସହନଶୀଳତା, ଜାତି, ଧର୍ମ, ସମ୍ପ୍ରଦାୟ ଭୁଲି ପରସ୍ପରକୁ ଭଲ ପାଇବା ଆଦି ଭଲ ଗୁଣଗୁଡିକୁ ଗ୍ରହଣ କରିବେ। ସେଥିପାଇଁ କଳିଙ୍ଗ ଯୁଦ୍ଧରେ ଅଶୋକଙ୍କର ମନର ପରିବର୍ତ୍ତନ ବିଷୟ ଦିଆଯାଇଛି। ଭୟ ଦେଖାଇ ଅସ୍ତ୍ରଶସ୍ତ୍ର ବଳରେ ଯେଉଁ ବିଜୟ ହାସଲ କରାଯାଏ, ତା ପ୍ରକୃତ ବିଜୟ ନୁହେଁ, ବରଂ ଦୟା, କ୍ଷମା, ସ୍ନେହ, ପ୍ରେମ, ତ୍ୟାଗ, ଅହିଂସା ଓ ସହନଶୀଳତା ଦ୍ୱାରା ମଣିଷର ହୃଦୟକୁ ଜୟ କରିବା ହିଁ ପ୍ରକୃତ ବିଜୟ।

ସେହିପରି ଏକାଧାରରେ ଓଡ଼ିଶାର ଜଣେ ବିଶିଷ୍ଟ ନେତା, ସ୍ୱାଧୀନତା ସଂଗ୍ରାମୀ, ଲେଖକ, କବି, ସାହିତ୍ୟିକ, ଐତିହାସିକ, ରାଜନୀତିଜ୍ଞ, ପ୍ରଥମ ପ୍ରଧାନମନ୍ତ୍ରୀ, ଦୁଃସାହସିକ, ଦୂରଦ୍ରଷ୍ଟା ''ହରେକୃଷ୍ଣ ମହତାବ''ଙ୍କ ଜୀବନର କେତୋଟି ସତ୍ୟ ଘଟଣାର ଅବତାରଣା କରାଯାଇଛି— ଯେଉଁଥିରୁ ଶାନ୍ତି ଓ ସହନଶୀଳତାର ଚରମ ପ୍ରମାଣ ମିଳିପାରିଛି।

ଧାର୍ମିକ ନେତା ସ୍ୱାମୀ ବିବେକାନନ୍ଦ, ସଂସ୍କାରକ ରାଜା ରାମମୋହନ ରାୟ ଏବଂ ନିଃସ୍ୱାର୍ଥପର ଜନସେବକ ଉତ୍କଳମଣି ଗୋପବନ୍ଧୁଙ୍କ କର୍ମରୁ କିଛି ଅଂଶ ଉଦ୍ଧାର କରାଯାଇଛି।

ମାନବିକତା, ବିଦ୍ୟା, ଗୁଣ, ଜ୍ଞାନ ପାଖରେ ସଂପ୍ରଦାୟ, ଜାତି, ଧର୍ମ, କଳା, ଗୋରା, ଗରିବ, ଧନୀ ସମସ୍ତେ ସମାନ ଏବଂ ଏକ ଅଟନ୍ତି। ଏହାର ପ୍ରମାଣ ମହାପୁରୁଷଙ୍କ ଜୀବନ କାହାଣୀ ମାଧ୍ୟମରେ ଆଲୋଚିତ ହୋଇଛି।

Digitized by srujanika@gmail.com

Designed by – **DILIP KHUNTIA**

Printed at – **CHHATRASATHI PRESS,** Kaligali, Cuttack - 753002 (ORISSA), INDIA - 1996

Digitized by srujanika@gmail.com